بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 8

ସଂଖ୍ୟା 01-02

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

05-12 ଜାନୁୟାରୀ 2023 | 05-12 ଫତାଃ 1401 ହି.ଶ | 12-19 ଜମାଦିଲ୍ ସାନି 1444 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

إِنَّمَا الْمُؤْمِنُونَ الَّذِينَ إِذَا ذُكِرَ اللَّهُ وَجِلَتْ قُلُوبُهُمْ

(سورة الأنفال:3)

ଅନୁବାଦ- କେବଳ ସେହିମାନେ ହିଁ (ପ୍ରକୃତ) ବିଶ୍ୱାସକାରୀ ଯେଉଁମାନଙ୍କର ହୃଦୟ ଅଲ୍ଲାଃଙ୍କ ବିଷୟ ସେମାନଙ୍କ ନିକଟରେ ବର୍ଣ୍ଣନା କରାଯିବା ବେଳେ ଭୟରେ ପ୍ରକମ୍ପିତ ହୁଏ ।

*(ସୁରଃ : ଅନଫାଲ୍ : ୦୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଆମେ ଧର୍ମପାଇଁ ରହିଛୁ ଏବଂ ଧର୍ମ ଖାତିର ଜୀବନ ବିତାଉଛୁ । ତେଣୁ ଧର୍ମମାର୍ଗରେ ଆମକୁ କୌଣସି ପ୍ରକାରର ପ୍ରତିବନ୍ଧକ ସୃଷ୍ଟିହେବା ଉଚିତ ନୁହେଁ ।**

## ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

**ଲଜ୍ଜାଶୀଳତା :** ଗୋଟିଏ ଘଟଣା ଏପରି ମିଳୁଛି ଯେ ହଜରତ ମସିହ ମଉଦ ଆ ସ ଙ୍କୁ ଭିଷଣ ମୁଣ୍ଡ ବିନ୍ଧା ହେଉଥିଲା । ସେଠାରେ ମହିଳା ଏବଂ ପିଲାମାନଙ୍କର କୋଳାହଳ (ପାଟିତୁଣ୍ଡ) ଚାଲିଥିଲା। ମୌଲବୀ ଅବ୍ଦୁଲ କରିମ ସାହେବ କହିଲେ ଯେ କ'ଣ ଆପଣଙ୍କୁ ଏହି କୋଳାହଳ ଦ୍ୱାରା କିଛି କଷ୍ଟ ତ ହେଉନାହିଁ ?

ହଜୁର ଆ ସ କହିଲେ : "ହଁ ହେଉଛି, କିନ୍ତୁ ସେମାନେ ଯଦି ଚୁପ ହୋଇଯାଆନ୍ତେ ତାହେଲେ ମତେ ଆରାମ ମିଳିଯାଆନ୍ତା ।

ମୌଲବୀ ସାହେବ ପୁଣି ନିବେଦନ କଲେ ଯେ ହଜୁର ଆପଣ କାହିଁକି (ସେମାନଙ୍କୁ ଚୁପ ହେବା ପାଇଁ) ଆଦେଶ ଦେଉନାହାନ୍ତି ? ହଜୁର କହିଲେ : ଆପଣ ଯାଇ ସେମାନଙ୍କୁ ଧିରେ, ନରମରେ କହିଦିଅନ୍ତୁ। ମୁଁ ତ ଏକଥା କହିପାରିବି ନାହିଁ ।''

**କ୍ଷମା ଆଚରଣ କରିବା :** ଜଣେ ସେବିକା ଘରୁ ଚାଉଳ ଚୋରି କରି ଧରା ପଡ଼ିଗଲା । ଘରର ସବୁ ଲୋକମାନେ ତାକୁ ଏଣୁ ତେଣୁ କହିବାକୁ ଲାଗିଲେ,ସଂଯୋଗବଶତଃ ହଜୁର ଆ ସ ସେହି ରାସ୍ତା ଦେଇ ଯାଉଥିଲେ। ଏହି ଘଟଣା ଶୁଣିବା ପରେ ହଜୁର କହିଲେ : "ଅଭାବି ଲୋକଟିଏ । ତାକୁ ଅଳ୍ପ କିଛି ଦେଇ ଦିଅ ଓ ଏଣୁ ତେଣୁ କିଛି କୁହନାହିଁ । ଅଲ୍ଲାଃତାଲାଙ୍କ ସତ୍‌ତାରି (ଅର୍ଥାତ ଦୋଷ ଦୁର୍ବଳତାକୁ ଘୋଡ଼ାଇ ରଖିବାର ବିଶେଷ ଗୁଣ)କୁ ଆପଣାଅ । ''

**ଜନସେବା :** ଖେତବାଡ଼ି କରୁଥିବା ମହିଳାମାନେ ଦିନେ ସେମାନଙ୍କ ପିଲାମାନଙ୍କ ପାଇଁ ଔଷଧ ଇତ୍ୟାଦି ନେବା ପାଇଁ ଆସିଥିଲେ । ହଜୁର ସେମାନଙ୍କୁ ଦେଖିବା ଏବଂ ଔଷଧ ଦେବାରେ ବ୍ୟସ୍ତ ଥିଲେ । ଏହା ଦେଖି ମୌଲବୀ ଅବ୍ଦୁଲ କରିମ୍ ସାହେବ କହିଲେ ଯେ ହଜରତ ଏହା ତ ବହୁତ କଷ୍ଟକର କାମ । ଏମିତି ତ ହଜୁରଙ୍କର ମୂଲ୍ୟବାନ ସମୟ ନଷ୍ଟ ହୋଇଯାଉଛି । ଏହାର ଉତରରେ ହଜୁର ଆ ସ କହିଲେ:"ଏହା ମଧ୍ୟ ଏକ ଧର୍ମକାର୍ଯ୍ୟ । ଏମାନେ ଗରିବ ଲୋକ,ଏଠାରେ ଡ଼ାକ୍ତରଖାନା ନାହିଁ । ମୁଁ ଏମାନଙ୍କ ପାଇଁ ସମସ୍ତ ପ୍ରକାରର ଇଂଗ୍ରାଜୀ ଏବଂ ୟୁନାନୀ ଔଷଧ ମଗାଇ ରଖିଥାଏ । ତାହା ଯଥା ସମୟରେ କାମ ଆସିଥାଏ । ଏହା ଏକ ବଡ଼ ପୁଣ୍ୟ କାର୍ଯ୍ୟ । ମୋମିନ (ଅର୍ଥାତ ବିଶ୍ୱାସକାରୀ ମାନ)ଙ୍କୁ ଏହି କାର୍ଯ୍ୟରେ ଅବହେଳା ଏବଂ ଅସାବଧାନତା ପ୍ରଦର୍ଶନ କରିବା ଉଚିତ ନୁହେଁ । ''

**ସମୟର ସମ୍ମାନ କରିବା :** ଲୋକଦେଖାଣିଆ କାମରେ ସମୟ ନଷ୍ଟ କରିବା ହଜୁର ଆ ସଙ୍କୁ ପସନ୍ଦ ନଥିଲା । ସେ ବିଷୟରେ ହଜୁର ଆ ସ କୁହନ୍ତି :"ମୋର ଅବସ୍ଥା ହେଉଛି ଏପରି କି,ମଳତ୍ୟାଗ କରିବା ଏବଂ ପରିଶ୍ରା କରିବା ସମୟରେ ମଧ୍ୟ ମୋତେ ଦୁଃଖ ଲାଗୁଛି ଯେ ମୋର ଏତେ ସମୟ ନଷ୍ଟ ହୋଇଗଲା । କାଳେ ଏହା କୌଣସି ଧର୍ମକାର୍ଯ୍ୟରେ ଖର୍ଚ୍ଚ ହୋଇପାରିଥାଆନ୍ତା ।''ପୁଣି କହିଲେ :"ଯେତେବେଳେ କୌଣସି ଧର୍ମକାର୍ଯ୍ୟ ଆସି ଉପସ୍ଥିତ ହୋଇଯାଏ,ଯେପର୍ଯ୍ୟନ୍ତ ସେହି କାର୍ଯ୍ୟ ନସରିଛି ସେପର୍ଯ୍ୟନ୍ତ ମୁଁ ମୋ ନିଜର ଖାଇବା ପିଇବା ଏବଂ ଶୋଇବା ସବୁକିଛି ହରାମ କରିଦିଏ । (ଅର୍ଥାତ ସବୁକିଛି ଭୂଲିଯାଏ) ପୁଣି କହିଲେ: "ଆମେ ଧର୍ମପାଇଁ ରହିଛୁ ଏବଂ ଧର୍ମ ଖାତିର ଜୀବନ ବିତାଉଛୁ । ତେଣୁ ଧର୍ମମାର୍ଗରେ ଆମକୁ କୌଣସି ପ୍ରକାରର ପ୍ରତିବନ୍ଧକ ହେବା ଉଚିତ ନୁହେଁ । '' **(ମଲଫୁଜାତ୍,ଗ୍ରନ୍ଥଖଣ୍ଡ-୦୧, ପୃ-୪୧୯, ମୁଦ୍ରିତ କାଦିଆନ୍ ୨୦୧୮)**

## ନବୀ ସ:ଆ:ସଙ୍କ ବାଣୀ

### ତିନି ଜଣ ଲୋକଙ୍କୁ ରସୁଲୁଲ୍ଲାଃ ସ ଆ ସଙ୍କର ଚେତାବନୀ

(୨୩୫୮) ହଜରତ୍ ଅବୁ ହୁରୈରାଃ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ କହିଲେ : ଏମିତି ତିନି ଜଣ ଲୋକ ଅଛନ୍ତି ଯେଉଁମାନଙ୍କୁ ଅଲ୍ଲାଃତାଲା କୟାମତ ଦିନ (ଦୟା ଦୃଷ୍ଟିରେ) ଦେଖିବେ ନାହିଁ କି ସେମାନଙ୍କୁ ପବିତ୍ର କରିବେ ନାହିଁ ବରଂ ସେମାନଙ୍କୁ ଯନ୍ତ୍ରଣାଦାୟକ ଦଣ୍ଡ ମିଳିବ । ଜଣେ ହେଉଛି ଏପରି ଲୋକ ଯାହା ନିକଟରେ ଯାତ୍ରା କରୁଥିବା ସମୟରେ ଆବଶ୍ୟକତାଠାରୁ ଅଧିକା ପାଣି ଥିବା ସତ୍ତ୍ୱେ ମଧ୍ୟ ସେ କୌଣସି ମୁସାଫିର (ଯାତ୍ରୀ)କୁ ପିଇବା ପାଇଁ ପାଣି ଦିଏନାହିଁ । ଆଉ ଜଣେ ଲୋକ ହେଉଛି ଏପରି, ଯିଏ ଇମାମଙ୍କ ହାତରେ ବୟତ କଲା କିନ୍ତୁ ତାହାର ଏହି ବୟତ (ଦୀକ୍ଷା) କେବଳ ସାଂସାରିକତାକୁ ପାଇବା ପାଇଁ ଉଦ୍ଦିଷ୍ଟ ଥିଲା । ଯଦି ତାକୁ ସେ କିଛି ସଂସାରିକ ଧନ ଦିଏ,ସେ ସନ୍ତୁଷ୍ଟ ହୋଇଯାଏ କିନ୍ତୁ ଯଦି ନଦିଏ,ତାହେଲେ ସେ ନାରାଜ ହୋଇଯାଏ । ଆଉ ଜଣେ ଲୋକ ହେଉଛି ଏପରି ଯିଏ ଅସର ସମୟ ପରେ ନିଜର ବାଣିଜ୍ୟ ଜିନିଷକୁ ବଜାରରେ ରଖି କହୁଥାଏ ଯେ : ମତେ ତା ରାଣ ଯାହାଙ୍କ ବ୍ୟତୀତ ଆଉ କେହି ଉପାସନାର ଅଧିକାରୀ ନାହାନ୍ତି । ମତେ ତ ଏହି ଜିନିଷଗୁଡ଼ିକର ଏତିକି ଏତିକ ମୂଲ୍ୟ ମିଳୁଥିଲା । ଏକଥାକୁ ଶୁଣି ଜଣେ ସତ ବୋଲି ବିଶ୍ୱାସ କରିନିଏ ଏବଂ (ତାହା କିଣିନେଇଥାଏ) । ତା ପରେ ମହାଭାଗ ସ ଆ ସ ନିମ୍ନ ଲିଖିତ ଆୟତ ପାଠ କଲେ । (ଅର୍ଥାତ) ଯେଉଁ ଲୋକମାନେ ଅଲ୍ଲାଃଙ୍କ ନିକଟରେ ନିଜର ପଦବୀ ଏବଂ ଶପଥ / ରାଣ ପ୍ରତିବଦଳରେ ଅଳ୍ପମୂଲ୍ୟ ନେଉଛନ୍ତି .......

***(ସହି ବୁଖାରୀ, ଖଣ୍ଡ-୦୪,କିତାବୁଲ୍ ମସାକାଃ, ମୁଦ୍ରିତ କାଦିଆନ୍ ୨୦୦୮)***

⌘⌘⌘⌘⌘⌘⌘⌘⌘⌘⌘

**ପୂଣ୍ୟ କର୍ମ କରୁଥିବା ଲୋକର ହୃଦୟରେ ପୂଣ୍ୟର ଜ୍ୟୋତି ବଢି ଚାଲିଥାଏ ,ଏପରିକି ତାର ସମଗ୍ର ହୃଦୟଟି ଉଜ୍ଜ୍ୱଳ ହୋଇଯାଏ ଏବଂ ସେ ମୋକ୍ଷ ପ୍ରାପ୍ତ କରିନିଏ**

ସୟଦନା ହଜରତ ମୁସଲେହ ମଉଦ ର ଅ ସୁରାଃ ବନି ଇସରାଇଲର ଆୟତ ***ଓ୍ୱ କୁଲ୍ଲା ଇନସାନିନ୍ ଅଲଜମନାହୁ ତାଇରହୁ ଫି ଉନୁକିହି । ଓ୍ୱ ନୁଖରିଜୁ ଲହୁ ୟୌମଲ୍ କିୟାମତି କିତାବନ ୟଲକାଆହୁ ମନଶୁରା ।*** ଅନୁବାଦ -ଏବଂ ଆମ୍ଭେ ପ୍ରତ୍ୟେକ ମନୁଷ୍ୟର ଗଳାରେ ତାହାର ଭାଗ୍ୟକୁ ବାନ୍ଧି ଦେଇଅଛୁ ; ଏବଂ ଆମ୍ଭେ କୟାମତ ଦିନ ତାହାର (କର୍ମର) ଏକ ପୁସ୍ତକ ପ୍ରସ୍ତୁତି କରି ତା' ସମ୍ମୁଖରେ ରଖିଦେବୁ ଯାହାକୁ ସେ (ସମ୍ପୂର୍ଣ୍ଣ)ଉନ୍ମୁକ୍ତ ଥିବାର ଦେଖିବାକୁ ପାଇବ । (ସୁରଃ ବନି ଇସରାଇଲ ଆୟତ ନଂ-୧୪)ର ବ୍ୟାଖ୍ୟା କରି ବର୍ଣ୍ଣନା କରିଛନ୍ତି ଯେ : ହଦିସରେ ଆସିଛି ଯେ ପ୍ରତ୍ୟେକ କର୍ମର ପ୍ରଭାବ ମଣିଷର ହୃଦୟ ଉପରେ ପଡ଼ିଥାଏ । ଯଦି ସେ ପୁଣ୍ୟକର୍ମ କରେ ତାହେଲେ ତାହାର ହୃଦୟ ଉପରେ ନୂର (ଜ୍ୟୋତି) ର ଏକ ଚିହ୍ନ ସୃଷ୍ଟି ହୋଇଯାଏ । ଯଦି ସେ କୁକର୍ମ କରେ,ତା ହୃଦୟରେ ଏକ କଳା ଦାଗ ପଡ଼ିଯାଏ । ସେହିପରି ପୂଣ୍ୟ କର୍ମ କରୁଥିବା ଲୋକର ହୃଦୟରେ ପୂଣ୍ୟର ଜ୍ୟୋତି ବଢି ଚାଲିଥାଏ ,ଏପରିକି ତାର ସମଗ୍ର ହୃଦୟଟି ଉଜ୍ଜ୍ୱଳ ହୋଇଯାଏ ଏବଂ ସେ ମୋକ୍ଷ ପ୍ରାପ୍ତ କରିନିଏ । ଠିକ ସେହିପରି କୁକର୍ମ କରୁଥିବା ଲୋକଟିର ହୃଦୟରେ ଲାଗିଥିବା କଳାଦାଗଟି ବଢିଚାଲିଥାଏ ଏପରିକି ଗୋଟିଏ ଦିନ ଏମିତି ଆସିଥାଏ ତାର ସମଗ୍ର ହୃଦୟଟି କଳା ପଡ଼ିଯା.....କ୍ରମଶଃ***(ତଫସୀର କବୀର ଖ-୪ ପୃ-୩୧୨ ମୁଦ୍ରିତ କାଦିଆନ)***

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ......*

କରିଥାନ୍ତି । ସେ ମୋମିନ (ଈଶ୍ୱର ବିଶ୍ୱାସୀ) ମାନଙ୍କ ସହିତ ଅତ୍ୟନ୍ତ ଦୟାଭାବ ପୋଷଣ କରିଥାନ୍ତି ଏବଂ କୁଫାର (ଅର୍ଥାତ ଅବିଶ୍ୱାସୀ) ମାନଙ୍କ ସହିତ ଅତ୍ୟନ୍ତ କଠୋର ହୋଇଥାନ୍ତି । ତୁମେ ତାଙ୍କର ଅବମାନନା କରିବ ନାହିଁ । ସେ ତୁମକୁ ଭଲ ଓ ଉତମ ଆଦେଶ ଦେବେ । ମୁଁ ତାଙ୍କୁ ଏ ଆଦେଶ ଦେଇଛି ଯେ ସେ ତୁମର କଥା ଶୁଣିବେ । ତେଣୁ ତୁମେ ଅଲ୍ଲାଃଙ୍କ ତକୱା ଗ୍ରହଣ କରି ତାଙ୍କୁ ପରାମର୍ଶ ଦେବ । ଆମେ ଏହା ଶୁଣି ଆସିଅଛୁ ଯେ ତୁମେ ସିର୍କ ଏବଂ ଜାହିଲିୟତ ଯୁଗରେ (ଅର୍ଥାତ ଇସଲାମର ପୂର୍ବବର୍ତୀ ସମୟରେ ଯେବେ ଲୋକମାନେ ଅନେକେଶ୍ୱରବାଦୀ ଥିଲେ ସେତେବେଳେ) ଜଣେ ଅଭିଜ୍ଞ ଯୁଦ୍ଧ ସରଦାର ଥିଲ । ଯେବେକି ସେ ସମୟରେ ପାପ ଏବଂ ଅବିଶ୍ୱାସ ମହଜୁଦ ଥିଲା । ତେଣୁ ଏବେ ତୁମେ ଇସଲାମରେ ପ୍ରତିଷ୍ଠିତ ରହିବା ସ୍ଥଳେ ସେହି ଅବିଶ୍ୱାସୀ ଏବଂ ଅନେକେଶ୍ୱରବାଦୀଙ୍କ ବିରୁଦ୍ଧରେ ନିଜର ଶକ୍ତି ଏବଂ ନିଜର ସାହାସକୁ ବ୍ୟବହାର କର । ଏଥିରେ ଅଲ୍ଲାଃ ତାଲା ତୁମ ପାଇଁ ମହାନ ପୁରସ୍କାର ଏବଂ ମୁସଲମାନଙ୍କ ପାଇଁ ସମ୍ମାନ ତଥା ବିଜୟ ରଖିଛନ୍ତି । ଏହି ପରାମର୍ଶ ଓ ଆଦେଶକୁ ଶୁଣି କୈସ ବିନ ହୁବୈରାଃ କହିଲେ : ଯଦି ଆପଣ ଜୀବିତ ରହନ୍ତି ଏବଂ ମୁଁ ମଧ୍ୟ ଜୀବିତ ରହେ, ତାହେଲେ ଆପଣଙ୍କୁ ମୋ ବିଷୟରେ ମୁସଲମାନମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ ମୁସରିକମାନଙ୍କ ବିରୁଦ୍ଧରେ ଜିହାଦର ଏପରି ଖବର ମିଳିବ,ଯାହାକୁ ଆପଣ ପସନ୍ଦ କରିବେ ଏବଂ ତାହା ଆପଣଙ୍କୁ ଆନନ୍ଦ ପ୍ରଦାନ କରିବ । ହଜରତ ଅବୁ ବକର ର ଅ କହିଲେ: ତୁମ ପରି ଜଣେ ବ୍ୟକ୍ତି ଏହା କରି ପାରିବ । ଯେତେବେଳେ ଅବୁ ବକର ର ଅଙ୍କୁ ଜାବିୟାଠାରେ (ରୋମୀୟମାନଙ୍କର) ଦୁଇଜଣ ସୈନ୍ୟ କମାଣ୍ଡର ସହିତ ତାଙ୍କର ଲଢେଇ ହେଲା,ଏବଂ ସେହି ଦୁଇଜଣଙ୍କୁ ମାରିଦେବାର ଖବର ହଜରତ ଅବୁ ବକର ର ଅଙ୍କ ନିକଟରେ ପହଂଚିଲା, ସେତେବେଳେ ହଜରତ ଅବୁ ବକର ର ଅ କହିଲେ ଯେ କୈସ ନିଜର ପ୍ରତିଜ୍ଞାକୁ ସତ୍ୟତାର ସହିତ ପୂରଣ କରି ଦେଖାଇଦେଲେ । ***(ତାରିଖେ ଦିମସ୍କ ଅଲକବୀର ଲିଇବନେ ଅସାକିର, ଭାଗ-୫୨ ଜିକର କୈସ୍ ବିନ ହୁବୈରାଃ ଅଲମକଶୁହ, ପୃ-୩୩୬-୩୩୭ ଦାରେ ଅହୟାତ ତୁରାସ ଅଲଅରବୀ ବେରୁତ ୨୦୦୧)***

ଅବଶିଷ୍ଟ ବିଷୟ ଆଗକୁ ଜାରି ରହିବ ।

ବର୍ତମାନ ମୁଁ ଜଣେ ଶହୀଦଙ୍କ ବିଷୟରେ କହିବି । ଆମର ଜଣେ ଶହୀଦ ନସିର ଅହେମଦ ସାହେବ ଯିଏ ଅବ୍ଦୁଲ ଗନି ସାହେବଙ୍କ ପୁତ୍ର ଥିଲେ । ସେ ରବୁଓ୍ୱାରେ ଦାରୁଲ ରହମତ ଶରକି (ପୂର୍ବ) ରେ ରହୁଥିଲେ । ୧୨ ଅଗଷ୍ଟ ଦିନ ଅହେମଦୀମାନଙ୍କର ଜଣେ ଶତ୍ରୁ ତାଙ୍କ ଉପରେ ଖନ୍‌ଜର (ଅର୍ଥାତ ଏକ ପ୍ରକାରର ବଡ଼ ଆକାରର ଛୁରୀ ସଦୃଶ ମାରଣାସ୍ତ୍ର) ଦ୍ୱାରା ଆକ୍ରମଣ କରି ତାଙ୍କୁ ଶହୀଦ କରିଦେଲା । ***ଇନ୍ନା ଲିଲ୍ଲାଃହେ ଓ୍ୱ ଇନ୍ନା ଇଲୈହେ ରାଜେଉନ*** ।

ସବିଶେଷ ତଥ୍ୟ ଅନୁଯାୟୀ,ଯେତେବେଳେ ନସିର ଅହେମଦ ସାହେବ ତାଙ୍କର ଜଣେ ଖବରକାଗଜ ବିକାଳି ବନ୍ଧୁଙ୍କ ନିକଟରେ ବସ ଷ୍ଟାଣ୍ଡରେ ରହିଲେ,ସେତେବେଳେ ହାଫିଜ ଶହଜାଦ ହସନ ନାମକ ଜଣେ ଧାର୍ମିକ କଠୋରପନ୍ଥି ସେଠାରେ ପହଂଚିଲା ଏବଂ ତାଙ୍କୁ ପଚାରିଲା କ'ଣ ତୁମେ ଅହେମଦୀ କି ? ଏଥିରେ ନସିର ଅହେମଦ ସାହେବ ଉତର ଦେଇ କହିଲେ ଯେ ମୋର ସମ୍ବନ୍ଧ ଜମାତ ଅହେମଦୀୟା ସହିତ ଅଛି । ଏ ଉତର ଶୁଣି ଉକ୍ତ ବ୍ୟକ୍ତି ଜଣକ ଜମାତ ଅହେମଦୀୟା ବିରୋଧି ସ୍ଲୋଗାନ ଲଗାଇବାକୁ ଜିଦ୍ଦି କରିଥିଲା । ଯେବେ ସେ (ଅର୍ଥାତ ନାସିର ଅହେମଦ ସାହେବ) ମନା କଲେ,ସେତେବେଳେ ସେହି ଲୋକ ଜଣକ ନିଜ ବ୍ୟାଗରୁ ଗୋଟିଏ ଖନଜର ବାହାର କରି ସ୍ଲୋଗାନ ଲଗାଇ ନସିର ଅହେମଦ ସାହେବଙ୍କୁ ଅନେକ ବାର ଛୁରାମାଡ଼ କରିଚାଲିଲେ । ତାଙ୍କ ଉପରେ ଏତେ ମାତ୍ରାରେ ଆଘାତ କଲେ ଯେ କିଛି ସେକେଣ୍ଡ ମଧ୍ୟରେ ସେହି ଆକ୍ରମଣ ପ୍ରାଣଘାତକ ସାବସ୍ତ୍ୟ ହେଲା । ଏହିପରି ଭାବରେ ସେହି ଖନଜର ଦ୍ୱାରା ବାରମ୍ବାର ଆକ୍ରମଣ ଯୋଗୁଁ ନାସିର ଅହେମଦ ସାହେବ ତାହା ସହ୍ୟ ନକରିପାରି ଶହୀଦ ହୋଇଗଲେ । ଶହୀଦ ହେବା ବେଳକୁ ତାଙ୍କର ବୟସ ୬୨ ବର୍ଷ ହୋଇଥିଲା । ସେହି ଘଟଣା ପରେ ହତ୍ୟାକାରୀ ଜଣକ ବୟାନ ଦେଲା ଯେ ମୁଁ ଏହି କାମ ପାଇଁ କୌଣସି ଲଜ୍ଜା ଅନୁଭବ କରୁନାହିଁ କି ଆସନ୍ତାକୁ ଯଦି ମତେ ଏମିତି କାମ କରିବାକୁ ମଉକା ମିଳେ ତାହେଲେ ମୁଁ ଏପରି କାମରୁ ଦୂରେଇ ରହିବି ନାହିଁ । ଏହି ସମସ୍ତ ଘଟଣା ଯାହା ଘଟିଗଲା, ତାହା କେବଳ ଗୋଟିଏ ଦୁଇ ମିନିଟରେ ଘଟିଲା । ବରଂ ଗୋଟିଏ ମିନିଟ ମଧ୍ୟରେ ହିଁ ଘଟିଗଲା । ପୁଣି ରିପୋର୍ଟ ମିଳିଛି ଯେ ତାଙ୍କୁ ଅଢେଇ ତିନି ମିନିଟ ଭିତରେ ହିଁ ଡ଼ାକ୍ତଖାନାରେ ପହଂଚାଇ ଦିଆଯାଇଥିଲା । କିନ୍ତୁ ସେ ଯାହା ବି ହେଉ ଏହା ଅଲ୍ଲାଃଙ୍କ ବିଧିର ବିଧାନ ଥିଲା । ଆକ୍ରମଣ ବହୁତ ଜୋରଦାର ଥିଲା,ତେଣୁ ତାହା ବପ୍ରାଣଘାତକ ସାବସ୍ତ୍ୟ ହେଲା । ଫଳତଃ ସେ ଶହୀଦ ହୋଇଗଲେ।

ସ୍ୱର୍ଗତ ଶହୀଦଙ୍କ ପରିବାରରେ ଅହେମଦୀୟତ ଶହୀଦଙ୍କ ଜେଜେ ବାପା ଶ୍ରୀମାନ ଫିରୋଜୁଦ୍ଦୀନ ସାହେବ ଆଫ୍ ରାୟପୁର,ଜିଲ୍ଲା ସିଆଲକୋଟଙ୍କ ଜରିଆରେ ଆସିଥିଲା । ସେ ୧୯୩୫ ମସିହାରେ ଖିଲାଫତ ସାନିୟା (ଦ୍ୱିତୀୟ ଖିଲାଫତ) ଙ୍କ ସମୟରେ ବୟତ କରି ଅହେମଦୀୟତରେ ସାମିଲ ହୋଇଥିଲେ । ପ୍ରାଇମେରୀ ଶିକ୍ଷା ପରେ ସେ (ଶ୍ରୀମାନ ନାସିର ସାହେବ ଶହୀଦ) ଆଉ ଆଗକୁ ପାଠ ପଢିନଥିଲେ,ଏବଂ ନିଜର ପୈତୃକ ବୃତି ଜମିଦାରୀ କାର୍ଯ୍ୟରେ ଜଡ଼ିତ ହୋଇଗଲେ । ପୁଣି ଦଶ ବର୍ଷ ପୂର୍ବେ ସେ କିଛି ବର୍ଷ ବାହାରକୁ ଯାଇ ରହିଛନ୍ତି । ମାଲେସିଆ ଇତ୍ୟାଦି ଦେଶରେ ଚାକିରି କରୁଥିଲେ । ପୁଣୁ ନିଜ ଦେଶ ପାକିସ୍ତାନ ଫେରି ଆସିଲେ । ଦଶ ବର୍ଷ ପୂର୍ବେ ସେ ରାୟପୁର ଜିଲ୍ଲା ସିଆଲକୋଟରୁ ରବୁଓ୍ୱା ଚାଲି ଆସିଥିଲେ । ଆଜିକାଲି ସେ ଅବସରରେ ଥିଲେ । କୌଣସି କାମ କରୁନଥିଲେ । ସେ ହୃଦୟ ରୋଗୀ ମଧ୍ୟ ଥିଲେ । ଅଧିକାଂଶ ସମୟ ନିଜ ସାହି ସ୍ତରରେ ଜମାତର ସେବାକାର୍ଯ୍ୟ କରୁଥିଲେ । ସେ ଏବେ ମଧ୍ୟ ମଜଲିସ ଅନସାରୁଲ୍ଲାଃର ମୁନ୍ତଜିମ ଇସାର ଏବଂ ନିଜ ମହଲ୍ଲାର ଆର୍ଥିକ ବିଭାଗର ମୋହସିଲ ଭାବରେ ସେବାକାର୍ଯ୍ୟ ସମ୍ପାଦନ କରୁଥିଲେ । ସେ ଅନେକ ସୁଗୁଣର ଅଧିକାରୀ ଥିଲେ । ନିଜ ସାହିର ସମସ୍ତଙ୍କୁ ସାହାଯ୍ୟ କରୁଥିଲେ । ବିଶେଷ କରି ଅନାଥ ଏବଂ ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ସବୁବେଳେ ପ୍ରସ୍ତୁତ ଥିଲେ । ମସଜିଦକୁ ପରିଷ୍କାର ପରିଛନ୍ନ ରଖିବା ବିଷୟରେ ବିଶେଷ ଯତ୍ନ ନେଉଥିଲେ । ସେ ଅତ୍ୟନ୍ତ ସଚ୍ଚୋଟ, ପରଶ୍ରମୀ,ମେଳାପୀ ଏବଂ ସାହାସୀ ବ୍ୟକ୍ତି ଥିଲେ । ତାଙ୍କ ଗୋଡ଼ରେ ଆଘାତ ଲାଗିବା ଯୋଗୁଁ ତାହା ଫ୍ରାକ୍‌ଚର ହୋଇଯାଇଥିଲା । ସେଥି ସକାଶେ ଚଲାବୁଲା କରିବାକୁ ଅସୁବିଧା ହେଉଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ଯଦି ରାତି ସମୟରେ ଜମାତି ସ୍ତରରେ କୌଣସି ଡ୍ୟୁଟି କରିବା ପାଇଁ ବା ପହରା ଦେବା ପାଇଁ ଡ଼କାଯାଉଥିଲା, ସେ ସେଥିପାଇଁ ହାଜର ହୋଇଯାଉଥିଲେ । ଖୁତବା ଶୁଣିବା ପାଇଁ ନିୟମିତ କୌଣସି ବ୍ୟବସ୍ଥା ନଥିଲା । ନମାଜ ପାଠ କରିବା ପାଇଁ ବିଶେଷ ଭାବରେ ବ୍ୟବସ୍ଥା କରୁଥିଲେ । ନିଜ ସାହିରେ ଏହାର ସମୀକ୍ଷା କରୁଥିଲେ । ଖିଲାଫତ ସହିତ ତାଙ୍କର ଗଭୀର ନିଷ୍ଠା ଥିଲା । ବହୁତ ଭଲପାଇବା ଥିଲା । ଫଜର ନମାଜ ପରେ ଏକଘଂଟା କାଳ ମୋବାଇଲରେ ତିଲାଓ୍ୱତ (ପବିତ୍ର କୁରଆନର ଆବୃତି) ଶୁଣିବା ତାଙ୍କର ନିତି ଦିନିଆ କାର୍ଯ୍ୟ ଥିଲା । ସେ ପ୍ରତ୍ୟହ ପ୍ରାର୍ଥନା କରିବା ପାଇଁ ବେହେଶ୍‌ତି ମକବରାଃ ମଧ୍ୟ ଯାଉଥିଲେ । ସଦର ମହଲା (ତାଙ୍କ ସାହିର ସଭାପତି) କୁହନ୍ତି ଯେ ଯେତେବେଳେ ବି ଜମାତି କାର୍ଯ୍ୟ ପାଇଁ ଆବଶ୍ୟକ ପଡ଼େ, ସ୍ୱର୍ଗତ ଶହୀଦ ତୁରନ୍ତ ଉପସ୍ଥିତ ହୋଇଯାଉଥିଲେ । ଏମିତି କେବେ ବି ହୋଇନାହିଁ ଯେ ସେ ମନା କରିଦେଇଥିବେ।

ସ୍ୱର୍ଗତଙ୍କ ଝିଅ ମୁବାରକା ବେଗମ ସାହିବା କୁହନ୍ତି ଯେ ଶହୀଦ ହେବାର କିଛି ଦିନ ପୂର୍ବରୁ ସେ ସ୍ୱପ୍ନ ଦେଖିଥିଲେ ଯେ ଲୋକମାନଙ୍କର ଗୋଟିଏ ଗହଳିଆ ସ୍ଥାନରେ ଦୁଃଖର ଛାୟା ଖେଳିଯାଇଛି । ସେଥି ସକାଶେ ସଦକାଃ ମଧ୍ୟ ଦିଆ ଯାଇଥିଲା । ସ୍ୱର୍ଗତ ଶହୀଦ ନିଜେ ବାରମ୍ବାର ଏହା ପ୍ରକାଶ କରୁଥିଲେ ଯେ ମତେ ଏମିତି ଲାଗୁଛି ଯେ ମୋର ସମୟ ସରିସରି ଯାଉଛି ।

ତାଙ୍କ ପତ୍ନୀ ପରଓ୍ୱିନ ଅଖତର ସାହିବାଃଙ୍କ ବ୍ୟତୀତ ତାଙ୍କର ତିନି ଜଣ ଝିଅ ଅଛନ୍ତି । ଯେଉଁମାନେ ତାଙ୍କର ସ୍ମୃତି ଅଟନ୍ତି । ଅଲ୍ଲାଃ ତାଲା ସେମାନଙ୍କୁ ଧୈର୍ଯ୍ୟ ଏବଂ ସାହାସ ଦିଅନ୍ତୁ।

ତାଙ୍କ ଭାଇ ତନଓ୍ୱିର ଅଖତର ସାହେବ କୁହନ୍ତି ଯେ ଯଦିଓ ତାଙ୍କର ବାହ୍ୟ ଶିକ୍ଷା ଏବଂ ଜମାତି ଜ୍ଞାନ ଏତେ ଅଧିକା ନଥିଲା, ତଥାପି ପିଲାଦିନୁ ହିଁ ଜମାତ ପାଇଁ ଆତ୍ମ ସ୍ୱାଭିମାନ ରଖୁଥିଲେ ଏବଂ ଖିଲାଫତ ସହିତ ଅତ୍ୟନ୍ତ ପ୍ରେମଭାବ ଥିଲା । ସେ ଜଣେ ସରଳ ହୃଦୟଧାରୀ ଏବଂ ନିସ୍ୱାର୍ଥପର ମଣିଷ ଥିଲେ । ଅନ୍ୟମାନଙ୍କୁ ଖୁସି ହେବା ଦେଖି ନିଜେ ଖୁସି ଅନୁଭବ କରୁଥିଲେ । ଯେବେ ଈଦ ଅବସରରେ ଲାହୋରରୁ ଘରକୁ ଆସୁଥିଲେ,ସେତେବେଳେ ସେ ବହୁତ ଖାଦ୍ୟପେୟ ଆଣୁଥିଲେ । ସର୍ବଦା ବହୁତ ଭଲ ନୂଆ କନା ନିଜ ପାଇଁ ସିଲେଇ କରାଇ ଆଣୁଥିଲେ । ପୁଣି କୁହନ୍ତି ଯେ କେବଳ ଈଦ ଅବସରରେ ତାହା ପିନ୍ଧୁଥିଲେ । ତାପରେ ସେହି ସୁଟ (ବସ୍ତ୍ର) କୁ ମତେ ଦେଇଦେଉଥିଲେ । କାରଣ ମୁଁ ୱାକିଫେ ଜିନ୍ଦେଗୀ ଥିଲି । ତେଣୁ ସେ ମତେ ତାହା ଦେଇଦେଉଥିଲେ ଏବଂ ମୋ ନିକଟରେ ଥିବା ପୁରୁଣା ସୁଟ ନେଇଯାଉଥିଲେ ।

ତାଙ୍କ ପୁତୁରା କହିଛନ୍ତି ଯେ ସେ ନିଜ ସାଥିରେ ସବୁବେଳେ ଫୋନ ରଖୁଥିଲେ ଯେ କାଳେ ଜମାତର କୌଣସି ଲୋକଙ୍କୁ ଆବଶ୍ୟକ ପଡ଼ିପାରେ । ଯଦି ଫୋନ ପାଖରେ ନଥିବ ତାହେଲେ ଯୋଗା ଯୋଗ କିପରି ହେବ । ରାତି ସମୟରେ ଯଦି ଫୋନ ବାଜୁଥିଲା,ସେ ତୁରନ୍ତ ଉଠି ଜମାତର ସେବା କରିବା ପାଇଁ ପ୍ରସ୍ତୁତ ହୋଇଯାଉଥିଲେ । ଯଦି ତାଙ୍କୁ କାହାର ସାହାଯ୍ୟପାଇଁ ରବୁଓ୍ୱାର କୋଣ କୋଣକୁ ଯିବାକୁ ବି ପଡେ,ସେ ଯାଉଥିଲେ । ରକ୍ତଦାନ ପାଇଁ ସେ ସର୍ବଦା ପ୍ରସ୍ତୁତ ରହୁଥିଲେ । ଏହିପରି ସେ ଅନେକ ଲୋକଙ୍କ ଜୀବନ ରକ୍ଷା କରିବାର କାରଣ ହୋଇଥିଲେ । ସେ ନିଜେ ହୃଦୟଜନିତ ରୋଗରେ ପିଡ଼ିତ ଥିବା ସତ୍ୱେ ମଧ୍ୟ, ସେ ବିଷୟରେ କେବେ ଚିନ୍ତା କରନ୍ତି ନାହିଁ । ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଏକ ନୈତିକ କର୍ତବ୍ୟ ବୋଲି ସେ ମଣୁଥିଲେ । ନିଜ ସ୍ୱାସ୍ଥ୍ୟ ଅପେକ୍ଷା ସେହି ନୈତିକ କର୍ତବ୍ୟ ତାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଅଲ୍ଲାଃତାଲା ସ୍ୱର୍ଗତ ଶହୀଦଙ୍କ ମାନକୁ ବୃଦ୍ଧି କରନ୍ତୁ ଏବଂ ଜନ୍ନତୁଲ ଫିରଦୌସରେ ଉଚ୍ଚ ସ୍ଥାନ ପ୍ରଦାନ କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୁଣ୍ୟକାର୍ଯ୍ୟକୁ ଜାରି ରଖିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ନମାଜ ପାଠ ପରେ ମୁଁ ଇନଶାଅଲ୍ଲାଃ ତାଙ୍କର ଜନାଯାଃ ଗାଏବ ପାଠ କରିବି ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୮ ର ଅବଶିଷ୍ଟାଂଶ ......*

ଥିଲା । ***(ଅଲଖଲିଫତୁଲ ଅଓ୍ୱଲ୍ ଅବୁ ବକର ......ଅଲା ମୁହମ୍ମଦ ସଲାବି ,ପୃ-୩୧୨,ଦାରୁଲ ମାରଫାଃ ବେରୁତ ୨୦୦୬)*** ଆଉ ଏକ ରିଓ୍ୱାୟତ ମୁତାବକ ମୁସଲମାନମାନଙ୍କ ସଂଖ୍ୟା ପଇଂତିରିଶି (୩୫)ହଜାର ଥିଲା ***(ଅଶରା ମୁବଶରାଃ ଅଜ ବଶିର ସାଜିଦ ,ପୃ-୮୦୫ ଅଲବଦର ପବ୍ଲକେଶନ୍ସ ଲାହୋର ୨୦୦୦)*** ଏହି ଯୁଦ୍ଧରେ ତିନି ହଜାର ରୋମୀ ସେନା ନିହତ ହୋଇଥିଲେ ଏବଂ ସେମାନଙ୍କର ପରାସ୍ତ ହୋଇଥିବା ସେନା ଅନ୍ୟାନ୍ୟ ସହରରେ ଯାଇ ଶରଣ ନେବାକୁ ବାଧ୍ୟ ହୋଇଥିଲେ। ***(ତାରିଖୁଲ ଖମିସ ଖ-୦୩, ପୃ- ୨୩୧ ଦାରୁଲ କୁତୁବୁଲ ଅଲମିୟା ବେରୁତ୨୦୦୯)***

କ୍ରମଶଃ......

# : ଖୁତ୍‌ବା ଜୁମା :

ଏକଥାକୁ ମନେରଖ ଯେ ଅଲ୍ଲାଃତାଲା ନିଜର ପବିତ୍ର ନବି ସ ଅ ସଙ୍କ ସହିତ ଏକ ବିଶାଳ ସୈନ୍ୟବାହିନୀ ରହିବା ତଥା ସେହି ସୈନ୍ୟବାହିନୀ ଜରିଆରେ ବା ତା ଆଧାରରେ ଆମକୁ ବିଜୟ ପ୍ରାପ୍ତ ହେବ ବୋଲି ସୁସମାଚାର ଦେଇନାହାନ୍ତି ।

ଆମର ତ ଏପରି ଅବସ୍ଥା ଥିଲା ଯେ ଯେବେ ଆମେ ରସୁଲୁଲ୍ଲାଃ ସ ଆ ସ ଙ୍କ ସାଥିରେ ଯୁଦ୍ଧ କରିବା ପାଇଁ ଯାଉଥିଲୁଁ,ସେତେବେଳେ ଆମ ନିକଟରେ କେବଳ ଦୁଇଟି ଘୋଡ଼ା ଥିଲେ,ଏବଂ ଆମେ ଓଟ ଉପରେ ପାଳି କରି ଚଢୁଥିଲୁଁ ।

ଓ୍ୱହଦ ଯୁଦ୍ଧ ଦିନ ଆମେ ରସୁଲୁଲ୍ଲାଃ ସ ଆ ସ ଙ୍କ ସହିତ ଥିଲୁଁ । ଆମ ନିକଟରେ କେବଳ ଗୋଟିଏ ଘୋଡ଼ା ଥିଲା । ସେଥିରେ  ରସୁଲୁଲ୍ଲାଃ ସ ଆ ସ ଅରୋହଣ କରିଥିଲେ କିନ୍ତୁ ଏହା ସତ୍ୱେ ମଧ୍ୟ ଅଲ୍ଲାଃତାଲା ଆମକୁ ଆମ ଶତୃମାନଙ୍କ ଉପରେ ବିଜୟ ପ୍ରଦାନ କଲେ ଓ ଆମକୁ ସାହାଯ୍ୟ କଲେ ।

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ବାବରକତ ଖିଲାଫତ୍ ସମୟରେ ରୋମାନ ସାମ୍ରାଜ୍ୟ ବିରୁଦ୍ଧରେ କରାଯାଇଥିବା ଅଭିଯାନଗୁଡ଼ିକର ବ୍ୟାପକ ଚର୍ଚ୍ଚା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ: ୨୬ ଅଗଷ୍ଟ ୨୦୨୨ ଅନୁଯାୟୀ ୨୬ ଜହୁର୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أشهد أن لا إله إلا الله وحده لا شريك له وأشهد أن محمدا عبده ورسوله
أما بعد فأعوذ بالله من الشيطان الرجيم - بسم الله الرحمن الرحيم -
الحمد لله رب العالمين - الرحمن الرحيم - مالك يوم الدين - إياك نعبد وإياك نستعين -
اهدنا الصراط المستقيم - صراط الذين أنعمت عليهم غير المغضوب عليهم ولا الضالين

ହଜରତ ଅବୁ ବକର ର ଅ ସିରିଆ ଦେଶକୁ ଯେଉଁ ସବୁ ସୈନ୍ୟଦଳ ପ୍ରେରଣ କରିଥିଲେ,ସେ ବିଷୟରେ ଚର୍ଚ୍ଚା ଜାରି ରହିଥିଲା । ହଜରତ ଅବୁ ବକର ର ଅ ସେହି ସୈନ୍ୟଦଳଗୁଡ଼ିକୁ  ଶତୃପକ୍ଷର ସୈନ୍ୟବାହିନୀ ତରଫରୁ ଯେଉଁ ଆକ୍ରମଣ କରାଯାଉଥିଲା,ତାହାକୁ ରୋକିବା ପାଇଁ,ତାହାର ପ୍ରତିରୋଧ କରିବା ପାଇଁ ପଠାଇଥିଲେ । ପୂର୍ବ ଖୁତବାରେ ତିନୋଟି ଅଭିଯାନ ବିଷୟରେ ଚର୍ଚ୍ଚା କରାଯାଇଥିଲା । ଚତୁର୍ଥ ସୈନ୍ୟବାହିନୀ ହଜରତ ଅମରୋ ବିନ ଆସ ର ଅଙ୍କର ଥିଲା । ତା ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅ ଗୋଟିଏ ସୈନ୍ୟବାହିନୀ ହଜରତ ଅମରୋ ବିନ ଆସ ର ଅଙ୍କ ନେତୃତ୍ୱରେ ସିରିଆ ଆଡ଼କୁ ପ୍ରେରଣ କରିଥିଲେ । ହଜରତ ଅମରୋ ବିନ୍ ଆସ ର ଅ ସିରିଆ ଯିବ ପୂର୍ବରୁ କଜାଅର ଗୋଟିଏ ଭାଗର ସଦକାଃ ଅସୁଲ କରିବା ପାଇଁ ନିଯୁକ୍ତ ହୋଇଥିବା ବେଳେ କଜାଅର ଦ୍ୱିତୀୟ ଭାଗର ସଦକା ଅସୁଲ କରିବା ପାଇଁ ହଜରତ ଓ୍ୱଲିଦ ବିନ ଅକବାଃ ର ଅ ନିଯୁକ୍ତ ହୋଇଥିଲେ । ଯେତେବେଳେ ହଜରତ ଅବୁ ବକର ର ଅ ସିରିଆ ଆଡ଼କୁ ବିଭିନ୍ନ ସୈନ୍ୟବାହିନୀ ପଠାଇବାକୁ ମନସ୍ଥ କଲେ,ତାଙ୍କର ଏ ଇଚ୍ଛା ଥିଲା ଯେ ହଜରତ ଅମରୋ ବିନ୍ ଆସ ର ଅଙ୍କୁ ସିରିଆ ଆଡ଼କୁ ପଠାଇବେ କିନ୍ତୁ ତାଙ୍କ କାର୍ଯ୍ୟକଳାପ ଯୋଗୁଁ ,ଅର୍ଥାତ ସେ ଯେଉଁଭଳି ଫିତନା ଇରତାଦ (ଅର୍ଥାତ ଆଁହଜରତ ସ ଆ ସଙ୍କ ଦେହାନ୍ତ ପରେ ଯେଉଁ ବିଦ୍ରୋହ ମୁଣ୍ଡ ଟେକିଥିଲା ସେ) ସମୟରେ ସେ ସେହି ବିଦ୍ରୋହକୁ ଦମନ କରିଥିଲେ । ହଜରତ ଅବୁ ବକର ର ଅ ତାଙ୍କୁ ଏ ଅଧିକାର ଦେଇଥିଲେ ଯେ ସେ କଜାଅଠାରେ ରହନ୍ତୁ କି ସିରିଆ ଯାଇ ସେଠାରେ ମୁସଲମାନମାନମାନଙ୍କ ଶକ୍ତି ବୃଦ୍ଧି କରନ୍ତୁ । ***(ଅଲବିଦାୟାଃ ଓ୍ୱନ ନହାୟାଃ,ଖ-୦୭,ପୃ-୦୩, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୧)(ହଜରତ ସୟଦନା ଅବୁ ବକର ସିଦ୍ଦିକ ର ଅ ଅଜ ମୁହମ୍ମଦ ହୁସୈନ ହୈକଲ ମୁତରଜିମ,ପୃ-୩୪୦,ମୁଦ୍ରିତ ବୁକ କର୍ଣ୍ଣର ଶୋ ରୁମ ଝେଲମ)***

ଅତେବ ହଜରତ୍ ଅବୁ ବକର ର ଅ ହଜରତ ଅମରୋ ବିନ୍ ଆସ ର ଅଙ୍କୁ ଚିଠି ଲେଖିଲେ ଯେ ହେ ଅବ୍ଦୁଲ୍ଲାଃ ! ମୁଁ ତୁମକୁ ଏପରି ଗୋଟିଏ କାମରେ ନିୟୋଜିତ କରିବାକୁ ଚାହୁଁଛି ଯାହା ତୁମ ପାଇଁ ଏ ଦୁନିଆ ଏବଂ ପରକାଳ ଉଭୟ ସ୍ଥାନରେ ସର୍ବୋତମ । କେବଳ ସେହି କାର୍ଯ୍ୟ ବ୍ୟତୀତ ଯେଉଁ କାର୍ଯ୍ୟରେ ତୁମେ ନିୟୋଜିତ ହୋଇଛ ଓ ତାହା ତୁମକୁ ବହୁତ ପସନ୍ଦ ଥିବ ।

ଏହି ଚିଠିର ଉତରରେ ହଜରତ ଅମରୋ ବିନ ଆସ ର ଅ ହଜରତ ଅବୁ ବକର ର ଅ ଙ୍କୁ ଲେଖିଲେ ଯେ ମୁଁ ଇସଲାମର ତୀର ମଧ୍ୟରୁ ଅନ୍ୟତମ । ଅଲ୍ଲାଃଙ୍କ ପରେ ଆପଣ ହିଁ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ ଏହି ତୀରଗୁଡ଼ିକୁ ଚଳାଇବା ଏବଂ ଏକତ୍ରିତ କରୁଛନ୍ତି । ତେଣୁ ଆପଣ ଯଦି କୌଣସି ଦିଗରେ କିଛି ବିପଦ ଦେଖୁଛନ୍ତି,ତାହାହେଲେ ସେହି ତୀରମାନଙ୍କ ମଧ୍ୟରୁ ଯେଉଁ ତୀରଟି ସବୁଠାରୁ ଶକ୍ତ,ଅଧିକା ଭୟାନକ ଏବଂ ସର୍ବୋତମ ହୋଇଥିବ,ତାକୁ ସେହି ଦିଗକୁ ନିକ୍ଷେପ କରିଦିଅନ୍ତୁ । ***(ତାରିଖେ ତିବରୀ ଭା-୦୨,ପୃ-୩୩୨,ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବନାନ ୨୦୧୨)***

ଅର୍ଥାତ ମୁଁ ତ ଯେ କୌଣସି ପ୍ରକାରର ବିପଦକୁ ସମ୍ମୁଖିନ କରିବା ପାଇଁ ପ୍ରସ୍ତୁତ ଅଛି ।

ଯେବେ ହଜରତ  ଅମରୋ ବିନ ଆସ ର ଅ ମଦିନା ଆସିଲେ,ହଜରତ ଅବୁ ବକର ର ଅ ତାଙ୍କୁ ଆଦେଶ ଦେଲେ ଯେ ମଦିନାରୁ ବହାରକୁ ଯାଇ ଛାଉଣି ଲଗାନ୍ତୁ । ଏତତଦ୍ୱାରା ଲୋକମାନେ ଆପଣଙ୍କୁ ଦେଖି ଆପଣଙ୍କ ନିକଟରେ ଏକତ୍ରିତ ହୋଇଯିବେ । ସୁତରାଂ କୁରୈଶର ସମ୍ଭ୍ରାନ୍ତମାନଙ୍କ ମଧ୍ୟରୁ ଅନେକ ଲୋକେ ଆସି ତାଙ୍କ ସହିତ ଯୋଗ ଦେଇଥିଲେ । ଯେତେବେଳେ ସିରିଆ ଯିବା କଥା ନିଷ୍ପତି ନିଆଗଲା,ସେତେବେଳେ ହଜରତ ଅମରୋ ବିନ ଆସ ର ଅଙ୍କୁ ମଦିନା ଡ଼କାଗଲା । ସେ ସେଠାକୁ ଆସିଲେ । ପୁଣି ସେଠାରେ ହଜରତ ଅବୁ ବକର ର ଅ ତାଙ୍କୁ ନିଜର ଏକ ସୈନ୍ୟବାହିନୀ ପ୍ରସ୍ତୁତ କରିବା ପାଇଁ ଆଦେଶ ଦେଲେ ଯେ ମଦିନା ବାହାରେ ଯାଇ ତମ୍ବୁ ସ୍ଥାପନ କର ଯଦ୍ୱାରା ଲୋକମାନେ ତୁମ ନିକଟକୁ ଆସିବେ । ଯେବେ ସେ ଯିବା ପାଇଁ ମନସ୍ଥ କଲେ,ସେତେବେଳେ ହଜରତ ଅବୁ ବକର ର ଅ ତାଙ୍କୁ ବିଦାୟ ଦେବା ପାଇଁ ବାହାରିଲେ । ପୁଣି ତାଙ୍କୁ କହିଲେ: ହେ ଅମରୋ ! ତୁମେ ରାୟ ଦେବାରେ ଏବଂ ମତାମତ ଦେବାରେ ପ୍ରବିଣ ଓ ଅଭିଜ୍ଞ । ସେହିପରି ଯୁଦ୍ଧ କୌଶଳ ବି ଯାଣିଛ । ତୁମେ ତୁମ କୌମର ସମ୍ଭ୍ରାନ୍ତ ତଥା ନିଷ୍ଠାବାନ ମୁସଲମାନମାନଙ୍କ ସାଥିରେ ଯାଉଅଛ । ଯାଇ ନିଜ ଭାଇମାନଙ୍କୁ ଭେଟିବ । ତେଣୁ ,ସେମାନଙ୍କ ଶୁଭକାମନାରେ କୌଣସି ପ୍ରକାରର ଅବହେଳା କରିବ ନାହିଁ । ସେମାନଙ୍କ ଭଲ ପରାମର୍ଶକୁ ରୋକିବ ନାହିଁ । କାରଣ ତୁମର ରାୟ ଯୁଦ୍ଧରେ ପ୍ରଶଂସନୀୟ ଏବଂ ପରିଶେଷରେ ଆଶୀର୍ବାଦପୂର୍ଣ୍ଣ ହୋଇପାରେ । ଯଦି କିଏ ପରାମର୍ଶ ଦିଏ,ତାହେଲେ ତାଙ୍କ ଭଲ ପରାମର୍ଶକୁ ରୋକିବ ନାହିଁ । ଯଦି ତୁମ ନିକଟରେ କିଛି ପ୍ରସ୍ତାବ ରହିଛି,ତାହେଲେ ତାକୁ ଅବଶ୍ୟ ବ୍ୟବହାର କରନ୍ତୁ । ହଜରତ ଅମରୋ ବିନ ଆସ ର ଅ କହିଲେ ଏହା ମୋ ପାଇଁ କେଡ଼େ ଉତମ କଥା ଯେ ମୁଁ ଆପଣଙ୍କ ଭାବନାକୁ ସତ୍ୟରେ ପ୍ରମାଣିତ କରିଦେଖାଇବି । ସେହି ପରି ମୋ ସମ୍ବନ୍ଧରେ ଆପଣଙ୍କ ମତାମତ ଭୁଲ ନୁହେଁ । ହଜରତ ଅମରୋ ବିନ୍ ଆସ ର ଅ ନିଜ ସୈନ୍ୟବାହିନୀକୁ ସାଥିରେ ଧରି ବାହାରିପଡ଼ିଲେ । ତାଙ୍କର ସେହି ସୈନ୍ୟବାହିନୀର ସଂଖ୍ୟା ପ୍ରାୟ ଛଅ ସାତ ହଜାର ବିଶିଷ୍ଟ ଥିଲା।

ତାଙ୍କର ଲକ୍ଷ୍ୟସ୍ଥଳ ପାଲେଷ୍ଟାଇନ ଥିଲା ।

ହଜରତ ଅମରୋ ବିନ୍ ଆସ ର ଅ ଏକ ହଜାର ବିଶିଷ୍ଟ ମୁଜାହିଦ୍ଦୀନ ଦଳ ପ୍ରସ୍ତୁତ କରି ହଜରତ ଅବ୍ଦୁଲ୍ଲାଃ ବିନ ଉମର ର ଅଙ୍କ ନେତୃତ୍ୱରେ ରୋମ ଆଡ଼କୁ ଅଗ୍ରସର ହେବା ପାଇଁ ପଠାଇଲେ । ଏହି ଦଳ ଯାଇ ରୋମୀମାନଙ୍କ ସହିତ ଲଢିଲା ଏବଂ ଶତୃଙ୍କ ଶକ୍ତିକୁ ପରାସ୍ତ କଲା ଓ କେତେକ କଏଦି (ବନ୍ଦୀ) ମାନଙ୍କୁ ସାଥିରେ ଧରି ଫେରିଲା ।

ହଜରତ ଅମରୋ ବିନ୍ ଆସ ର ଅ ସେହି କଏଦିମାନଙ୍କୁ ପଚରାଉଚରା କଲେ,ଏତଦ୍ଦ୍ୱାରା ସେ ଜାଣି ପାରିଲେ ଯେ ରୋମୀମାନଙ୍କର ସେନା ରୁଓ୍ୱେସ ନାମକ ଜଣେ ସେନାପତିଙ୍କ ନେତୃତ୍ୱରେ ମୁସଲମାନଙ୍କ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିଛି । ଏହି ସୂଚନାକୁ ଦୃଷ୍ଟିରେ ରଖି ହଜରତ ଅମରୋ ବିନ୍ ଆସ ର ଅ ନିଜ ସେନାକୁ ସଂଗଠିତ କରିଲେ । ଯେବେ ରୋମୀ ସେନା ଆକ୍ରମଣ କରିଦେଲା, ମୁସଲମାନମାନେ ସେମାନଙ୍କ ଆକ୍ରମଣକୁ ପ୍ରତିରୋଧ କରିବାରେ ସଫଳ ହୋଇଗଲେ ଏବଂ ରୋମୀ ସେନାକୁ ପଛକୁ ଫେରିବାକୁ ବାଧ୍ୟ କରିଦେଲେ । ତାପରେ ସେହି ରୋମୀୟ ସେନାଙ୍କ ଉପରେ ପାଲଟା ଆକ୍ରମଣ କରି ଶତୃପକ୍ଷର ଶକ୍ତିକୁ ଧ୍ୱଂସ କରିଦେଲେ । ସେଲମାନଙ୍କୁ ଯୁଦ୍ଧ କ୍ଷେତ୍ର ଛାଡ଼ି ପଳାୟନ କରିବାରେ ବାଧ୍ୟ କରିଦେଲେ । ଇସଲାମୀୟ ସେନା ସେମାନଙ୍କର ଅନୁଧାବନ କଲା । ଫଳତଃ ରୋମୀୟମାନଙ୍କର ହଜାର ହଜାର ସୈନ୍ୟ ନିହତ ହେଲେ । ଏହିପରି ଏହି ଯୁଦ୍ଧର ପରିସମାପ୍ତି ଘଟିଲା । ***(ସୟଦନା ଅବୁ ବକର ସିଦ୍ଦିକ ର ଅ ଶଖସିୟତ ଔର କାରନାମେ ଅଜ ଅଲୀ ମୁହମ୍ମଦ ସଲାବୀ ,ମୁତରଜିମ ,ପୃ-୪୪୮-୪୪୯,ଅଲଫୁରକାନ ଟ୍ରଷ୍ଟ ଖାନ ଗଢ୍ ପାକିସ୍ତାନ)***

ସେହି ସୈନ୍ୟବାହିନୀକୁ ପଠାଇ ହଜରତ ଅବୁ ବକର ର ଅ ଶାନ୍ତିରେ ନିଶ୍ୱାସ ମାରିଲେ । ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ଅଲ୍ଲାଃ ସେହି ସେନା ଜରିଆରେ ମୁସଲମାନମାନଙ୍କୁ ରୋମୀୟମାନଙ୍କ ଉପରେ ବିଜୟ ପ୍ରଦାନ କରିବେ । ତାହାର କାରଣ ଏହା ଥିଲା ଯେ ସେହି ସେନାରେ ଏକ ହଜାରରୁ ଅଧିକା ମୁହାଜିର ଏବଂ ଅନସାର ସାହାବା ସାମିଲ ଥିଲେ,ଯେଉଁମାନେ ପ୍ରତ୍ୟେକ ସମୟରେ ଅତ୍ୟନ୍ତ ବିଶ୍ୱସ୍ତତା ପ୍ରଦର୍ଶନ କରିଥିଲେ ଏବଂ ଇସଲାମର ପ୍ରାରମ୍ଭିକ ସମୟରେ ରସୁଲୁଲ୍ଲାଃ ସ ଆ ସଙ୍କ ସହିତ ମିଶି ମହାଭାଗଙ୍କ କାନ୍ଧରେ କାନ୍ଧ ମିଳାଇ ଯୁଦ୍ଧରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ବଦର ଯୁଦ୍ଧରେ ସାମିଲ ହୋଇଥିବା ସାହାବାମାନେ ବି ଥିଲେ,ଯାହାଙ୍କ ସମ୍ବନ୍ଧରେ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ନିଜ ପ୍ରଭୁଙ୍କ ନିକଟରେ ନିବେଦନ କରିଥିଲେ ଯେ ହେ ମୋର ଅଲ୍ଲାଃ ! ଯଦି ଆଜି ତୁମେ ଏହି ଛୋଟିଆ ଗୋଷ୍ଠିକୁ ନିଶେଷ କରିଦେବ, ତେବେ ଏ ପୃଥିବୀରେ ତୁମର ଆଉ କେହି ଉପାସକ ରହିବେ ନାହିଁ । ***(ହଜରତ ଅବୁ ବକର ସିଦ୍ଦିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ, ମୁତରଜିମ ଶେଖ ମୁହମ୍ମଦ ଅହେମଦ ପାନିପତି, ପୃ-୩୨୨,ଇଲମୋ ଇରଫାନ ପବ୍ଲିଶରସ୍ ଲାହୋର ୨୦୦୪)***

ତାପରେ ଉଲ୍ଲେଖ ରହିଛି ଯେ ରୋମର ସମ୍ରାଟ ହିରକଲ ସେହି ସମୟରେ ପାଲେଷ୍ଟାଇନରେ ଥିଲା । ଯେବେ ତାକୁ ମୁସଲମାନମାନଙ୍କ ପ୍ରସ୍ତୁତି ବିଷୟରେ ସୂଚନ ମିଳିଲା,ସେ ସେହି ଇଲାକାର ସର୍ଦ୍ଦାରମାନଙ୍କୁ ଏକାଠି କଲା ଏବଂ ସେମାନଙ୍କ ସାମନାରେ ମୁସଲମାନମାନଙ୍କ ବିରୁଦ୍ଧରେ ଲଢିବା ପାଇଁ ଏକ ଉତ୍ସାହପୂର୍ଣ୍ଣ ଭାଷଣ ଦେଲା । ସେ ମୁସଲମାନମାନଙ୍କ ବିଷୟରେ କହିଲା ଯେ ଏହି ଭୋକିଲା, ଲଙ୍ଗଳା ଏବଂ ଅସଭ୍ୟ ଲୋକମାନେ ଆରବରୁ ବାହାରି ତୁମମାନଙ୍କ ଉପରେ ଆକ୍ରମଣ କରିବାକୁ ଚାହୁଁଛନ୍ତି । ତୁମେମାନେ ସେମାନଙ୍କୁ ଏମିତି ମୁହଁ ଭଙ୍ଗା ଉତର ଦିଅ ଯେ ସେମାନେ ଆଉ କେବେ ତୁମ ଆଡ଼କୁ ଆଖି ଉଠାଇବାକୁ ସାହାସ କରିବେ ନାହିଁ । ଯୁଦ୍ଧାସ୍ତ୍ର ଏବଂ ସୈନିକମାନଙ୍କ ଜରିଆରେ ତୁମମାନଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ କରାଯିବ । ତୁମମାନଙ୍କ ଉପରେ ଯେଉଁ ସେନାପତିମାନଙ୍କୁ ନିୟୋଜିତ କରାଯାଇଅଛି ତୁମେ ସେମାନଙ୍କର ଆଜ୍ଞାକୁ ମନ ପ୍ରାଣ ଦେଇ ମାନ । ତୁମର ବିଜୟ ନିଶ୍ଚିତ ହେବ । ହିରକଲ ସମ୍ରାଟ ସେହି ଇଲାକାର ଲୋକମାନଙ୍କୁ ଆରବ ବିରୁଦ୍ଧରେ ଏହିପରି ଭାବରେ ଉତ୍ସାହିତ କରି ଉସୁକାଇଥିଲା । ସେ ମୁସଲମାନମାନଙ୍କ ବିରୁଦ୍ଧରେ ପାଲେଷ୍ଟାଇନର ଲୋକମାନଙ୍କୁ ଉସୁକାଇ ସେଠାରୁ ଦିମସ୍କ ଚାଲିଆସିଲା । ସେଠାରୁ ସେ ହିମସ ଏବଂ ଇନତାକିୟାରେ ପହଂଚିଲା । ସେହି ପାଲେଷ୍ଟାଇନ ଭଳି ଏହି ଇଲାକାରେ ମଧ୍ୟ ପହଂଚି ଉତ୍ସାହପୂର୍ଣ୍ଣ ଭାଷଣମାନ ଦେଇ ଏହି ଇଲାକାର ଲୋକମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଉଥିଲା । ସେ ନିଜେ ଇନତାକିୟା କୁ ନିଜର ହେଡକ୍ୱାର୍ଟର କରି ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲା । ***(ହଜରତ ଅବୁ ବକର ସିଦ୍ଦିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ, ମୁତରଜିମ ଶେଖ ମୁହମ୍ମଦ ଅହେମଦ ପାନିପତି, ପୃ-୩୪୭,ଇଲମୋ ଇରଫାନ ପବ୍ଲିଶରସ୍ ଲାହୋର ୨୦୦୪)***

ରୋମୀ ସମ୍ରାଟଙ୍କର ତତ୍କାଳିନ ସିରିଆ ଦେଶରେ ଦୁଇଟି ସୈନ୍ୟବାହିନୀ ଥିଲା । ଗୋଟିଏ ପାଲେଷ୍ଟାଇନରେ ଏବଂ ଆଉ ଗୋଟିଏ ଇନତିକିୟାରେ । ଏହି ଦୁଇଟି ବାହିନୀ ନିମ୍ନ ଲିଖିତ ସ୍ଥାନରେ ଛାଉଣି ସ୍ଥାପନ କରି ନିଜର ମର୍କଜ (କେନ୍ଦ୍ର) ତିଆରି କରି ରଖିଥିଲେ ।(୧) ଏକ ନଂ-ଇନତାକିୟା : ଏହା ରୋମାନ ସାମ୍ରାଜ୍ୟ ସମୟରେ ଶାମ (ଅର୍ଥାତ ତତ୍କାଳୀନ ସିରିଆ ଦେଶ)ର ରାଜଧାନୀ ଥିଲା ।(୨) ଦୁଇ ନଂ- କନସରିନ : ଏହା ଶାମର ସୀମା ଥିଲା । ତାହା ଉତର ପଶ୍ଚିମରେ ପାରସ୍ୟ ସମ୍ମୁଖରେ ଅବସ୍ଥିତ । (୩) ତୃତୀୟ ନଂ-ହିମସ୍ : ଏହା ମଧ୍ୟ ଶାମର ସୀମା ଥିଲା ଏବଂ ଏହା ଶାମର ଉତର ପୂର୍ବରେ ପାରସ୍ୟ ଆଡ଼କୁ ମୁହାଁଇଛି । (୪) ଚତୁର୍ଥ ନଂ-ଅମାନ :ତାହା ବଲକାଅର ମୂଖ୍ୟ ସ୍ଥାନ ଥିଲା । ସେଠାରେ ଏକ ମଜବୁତ ଏବଂ ସୁରକ୍ଷିତ କିଲ୍ଲା ଥିଲା । (୫) ପଂଚମ ନଂ-ଅଜନାଦୀନ : ଏହା ପାଲେଷ୍ଟାଇନର ଦକ୍ଷିଣରେ ରୋମର ସାମରିକ କେନ୍ଦ୍ର ଥିଲା । ଯାହା ଆରବ ଦେଶର ପୂର୍ବ ଏବଂ ପଶ୍ଚିମ ସୀମା ଏବଂ ମିସର ଦେଶର ସୀମା ସହିତ ମୁଶୁଥିଲା । (୫) ପଂଚମ ନଂ-କୈସାରିୟା :ଏହା ପାଲେଷ୍ଟାଇନର ଉତରରେ ହୈଫାଠାରୁ ତେର କିଲୋମିଟରରେ ଅବସ୍ଥିତ ଥିଲା । ତାହାର ଧ୍ୱଂସାବଶେଷ ଏବେ ବି ଦେଖିବାକୁ ମିଳିଥାଏ । ରୋମାନ ସାମ୍ରାଜ୍ୟର ହାଇ କଲମାଣ୍ଡର କେନ୍ଦ୍ର ଇନତାକିୟା ବା ହିମସ ଥିଲା । ***(ସୟଦନା ଅବୁ ବକର ସିଦ୍ଦିକ ର ଅ ଶଖସିୟତ ଔର କାରନାମେ ଅଜ ଅଲୀ ମୁହମ୍ମଦ ସଲାବୀ ,ମୁତରଜିମ ,ପୃ-୪୫୦,ଅଲଫୁରକାନ ଟ୍ରଷ୍ଟ ଖାନ ଗଢ୍ ପାକିସ୍ତାନ)***

ଆଉ ଏକ ରିଓ୍ୱାୟତରେ ଆସିଛି ଯେ ଯେବେ ହିରକଲ ଇସଲାମୀୟ ସେନାର ଆଗମନ ଖବର ପାଇଲା,ସେତେବେଳେ ସେ ପ୍ରଥମେ ନିଜ ଜାତିର ଲୋକମାନଙ୍କୁ ଯୁଦ୍ଧରୁ ନିବୃତ ରହିବାକୁ ପରାମର୍ଶ ଦେଲା ଓ କହିଲା ଯେ ମୋ ମତରେ ତୁମେମାନେ ମୁସଲମାନମାନଙ୍କ ସହିତ ଶାନ୍ତି ଚୁକ୍ତି କରିନେବା ଉଚିତ । ଭଗବାନଙ୍କ ରାଣ ! ଯଦି ତୁମେମାନେ ସିରିଆର ଅଧା ଉତ୍ପାଦନର ପ୍ରତି ବଦଳରେ ସେମାନଙ୍କ ସହିତ ଶାନ୍ତି ଚୁକ୍ତି କରିନେବ, ତାହେଲେ ତୁମମାନଙ୍କ ନିକଟରେ ଅଧା ଉତ୍ପାଦନ ଏବଂ ରୋମ ଅଂଚଳ ରହିଯିବ । ତେଣୁ ମୁସଲମାନମାନଙ୍କର ସିରିଆର ସମସ୍ତ ଅଂଚଳ ଏବଂ ରୋମର ଅଧା ଅଂଶ ଦଖଲ କରିବା ଅପେକ୍ଷା ଏପରି କରିବା ତୁମମାନଙ୍କ ପାଇଁ ଭଲ ହେବ । କିନ୍ତୁ ରୋମବାସୀ ସେଠାରୁ ଉଠି ଚାଲିଗଲେ ଏବଂ ତା କଥାକୁ ମାନିଲେ ନାହିଁ । ତେଣୁ ସେ ସେଠାରୁ ସେମାନଙ୍କୁ ଏକତ୍ର କରି ହିମସ ନେଇଚାଲିଗଲା । ସେଠାରେ ଯାଇ ସେ ସୈନିକ ତଥା ସୈନ୍ୟବାହିନୀକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲା । ହିମସଠାରୁ ହିରକଲ ପୁଣି ଇନତାକିୟା ଗଲା । ଯେହେତୁ ତା ପାଖରେ ବଡ଼ ବିଶାଳ ସୈନ୍ୟବାହିନୀ ଥିଲା,ସେଥି ସକାଶେ ସେ ମୁସଲମାନମାନଙ୍କର ପ୍ରତ୍ୟେକ ସେନା ବିରୁଦ୍ଧରେ ପୃଥକ ପୃଥକ ସୈନ୍ୟବାହିନୀ ପ୍ରେରଣ କରିବାକୁ ମନସ୍ଥ କାଲା,ଯଦ୍ଦ୍ୱାରା ସେ ଇସଲାମୀୟ ସେନାର ପ୍ରତ୍ୟେକ ଅଂଶକୁ ଦୃବଳ କରିଦେବ । ଅତେବ ସେ ତା ଭାଇ ତଜାରିକକୁ ନବେ ହଜାର ସୈନ୍ୟ ଦେଇ ହଜରତ ଅମରୋ ର ଅଙ୍କ ବିପକ୍ଷରେ ପ୍ରେରଣ କଲା ଏବଂ ଜରାଜାଃ ବିନ ତୁଜରକୁ ହଜରତ ୟଜିଦ ବିନ ଅବୁସୁଫିୟାନ ର ଅଙ୍କ ବିରୁଦ୍ଧରେ ପଠାଇଲା । ସେହିପରି କୈକାର ବିନ ନସତୁସ୍‌କୁ ଷାଠିଏ ହଜାର ସୈନ୍ୟ ଦେଇ ହଜରତ ଅବୁ ଉବୈଦାଃ ର ଅଙ୍କ ଆଡ଼କୁ ପଠାଇଲା ଏବଂ ହଜରତ ଶୁରୈହବିଲ ବିନ ହସନାଃ ର ଅଙ୍କ ବିରୁଦ୍ଧରେ ଦୁରାକିସକୁ ପଠାଇଲା । ***(ଅଲକାମିଲ ଫିତ ତାରିଖ୍ ଖ-୦୨,ପୃ-୨୫୫,ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୬)(ହଜରତ ଅବୁ ବକର ସିଦ୍ଦିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ...ପୃ-୩୪୭,ଇଲମୋ ଇରଫାନ ପବ୍ଲିଶରସ୍ ଲାହୋର ୨୦୦୪)***

ହଜରତ ଅବୁ ଉବୈଦାଃ ବିନ ଜରାହ୍ ର ଅ ଯେତେବେଳେ ଜାବିୟା ନିକଟରେ ଥିଲେ,ସେତେବେଳେ ତାଙ୍କ ପାଖକୁ ଜଣେ ଏ ଖବର ନେଇ ଆସିଲା ଯେ ହିରକଲ ଇନତାକିୟା ରେ ଅଛି ଏବଂ ସେ ତୁମ ବିପକ୍ଷରେ ଏତେ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କରି ରଖିଛି ଯେ ଆ ପୂର୍ବରୁ ତା ପୂର୍ବପୁରୁଷମାନଙ୍କ ମଧ୍ୟରୁ କେହି ମଧ୍ୟ ଏପରି ସୈନ୍ୟବାହିନୀ ପ୍ରସ୍ତୁତ କରିନଥିଲେ ।

ଏଥିରେ ହଜରତ ଅବୁ ଉବୈଦାଃ ର ଅ ହଜରତ ଅବୁ ବକର ର ଅଙ୍କୁ ଚିଠି ଲେଖିଲେ ଯେ ମତେ ଏ ସୂଚନା ମିଳିଛି ଯେ ରୋମ ସାମ୍ରାଜ୍ୟର ସମ୍ରାଟ ହିରକଲ ସିରିଆ ଦେଶର ଗୋଟିଏ ସ୍ଥାନ ଇନତାକିୟାଠାରେ ଆସି ଛାଉଣି ପକାଇଛି ଏବଂ ନିଜ ସାମ୍ରାଜ୍ୟର ଲୋକମାନଙ୍କ ନିକଟକୁ ଲୋକପଠାଇଛି ଯେ ସେମାନେ ତାଙ୍କୁ ଏକତ୍ରିତ କରନ୍ତୁ । ତେଣୁ ଲୋକମାନେ କଠିନ ତଥା ସହଜ ପଥ ଦେଇ ହିରକଲ ନିକଟକୁ ଆସିଲେ । ତେଣୁ ମୁଁ ଉଚିତ ମଣିଲି ଯେ ଆପଣଙ୍କୁ ଏହାର ଏତେଲା ଦେଇଦେବି । ଯଦ୍ଦ୍ୱାରା ଆପଣ ଏ ବିଷୟରେ ଉଚିତ ନିଷ୍ପତି ନେଇପାରିବେ । ହଜରତ ଅବୁ ବକର ର ଅ ହଜରତ ଅବୁ ଉବୈଦାଃ ର ଅଙ୍କ ନିକଟକୁ ଉତର ଦେଇ ଲେଖିଲେ ଯେ ତୁମର ଚିଠି ମତେ ମିଳିଲା । ମୁଁ ତାହା ବୁଝି ପାରିଲି । ପୁଣି ଉଲ୍ଲେଖ କଲେ ଯେ ଇନତାକିୟାରେ ହିରକଲର ଅବସ୍ଥାନ କରିବା,ତା ପାଇଁ ଏବଂ ତା ସାଥିମାନଙ୍କ ପାଇଁ ପରାଜୟ ରହିଛି । ଏଥିରେ ଅଲ୍ଲାଃଙ୍କ ତରଫରୁ ତୁମ ପାଇଁ ଓ ତୁମ ସାଥି ମୁସଲମାନମାନଙ୍କ ପାଇଁ ବିଜୟ ନିହିତ ରହିଛି। ଭୟ କରିବାର କିଛି ବି ଆବଶ୍ୟକ ନାହିଁ । ହିରକଲ ନିଜ ରାଜ୍ୟର ଲୋକମାନଙ୍କୁ ଏକତ୍ର କରିବା ବିଷୟ ଏବଂ ବହୁ ସଂଖ୍ୟକ ଲୋକମାନନଙ୍କୁ ଏକାଠି କରିବା ବିଷୟରେ ତୁମେ ଯେଉଁ କଥା ଉଲ୍ଲେଖ କରିଛ,ଏକଥା ଆମେ ଏବଂ ତୁମେ ଆଗରୁ ଜାଣିଛନ୍ତି ଯେ ସେ ଏପରି ହିଁ କରିବ । କାରଣ ବିନା କୌଣସି ଯୁଦ୍ଧକରି କୌଣସି ବି ଜାତି ନିଜ ରାଜାକୁ ନା ତ ଛାଡ଼ିପାରିବେ ନା ନିଜ ଦେଶରୁ ବାହାର କରିପାରିବେ । ପୁଣି ସେ ଲେଖିଲେ ଯେ ଅଲହମଦୁଲିଲ୍ଲାଃ ! ମୁଁ ଏହା ଜାଣିଛି ଯେ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ବାହାରି ଥିବା ଅନେକ ମୁସଲମାନ ମୃତ୍ୟୁକୁ ଏତେ ମାତ୍ରାରେ ଭଲ ପାଉଛନ୍ତି,ଯେତେ ମାତ୍ରାରେ ଶତୃ ନିଜର ଜୀବନକୁ ଭଲପାଇଥାଏ । ସେହିପରି ମୁସଲମାନମାନେ ଏହି ଯୁଦ୍ଧର ପ୍ରତିବଦଳରେ ଅଲ୍ଲାଃଙ୍କଠାରୁ ଏକ ମହାନ ପୁରସ୍କାର ପାଇବାକୁ ଆଶା ରଖିଛନ୍ତି । ସେହିପରି ଯେତେ ମାତ୍ରାରେ ସେମାନେ କୁଆଁରୀ ମହିଳା ଏବଂ ମୂଲ୍ୟବାନ ବସ୍ତୁକୁ ଭଲପାଇଥାନ୍ତି ତାଠାରୁ ଅଧିକା ଅଲ୍ଲାଃଙ୍କ ମାର୍ଗରେ ଯୁଦ୍ଧ କରିବାକୁ ଭଲପାଇଥାନ୍ତି । ସେମାନଙ୍କ ମଧ୍ୟରୁ ଜଣେ ମୁସଲମାନ ଯୁଦ୍ଧ ସମୟରେ ହଜାର ମୁସରିକମାନଙ୍କ ଅପେକ୍ଷା ଉତ୍କୃଷ୍ଟ । ତୁମେ ନିଜ ସେନାକୁ ଧରି ସେମାନଙ୍କ ସହିତ ଯୁଦ୍ଧ କର । ଯେଉଁ ମୁସଲମାନମାନେ ଅନୁପସ୍ଥିତ

ଅଛନ୍ତି,ସେମାନଙ୍କ ବିଷୟରେ ଚିନ୍ତା କରନାହିଁ ନିଶ୍ଚିତ ରୂପେ ଅଲ୍ଲାଃଙ୍କ ସ୍ତୁତିଗାନ ହିଁ ବହୁତ ଉର୍ଦ୍ଧ୍ୱରେ । ସେହି ଅଲ୍ଲାଃ ହିଁ ତୁମ ସହିତ ଅଛନ୍ତି। ତତ୍ ସହିତ ମୁଁ ତୁମ ସାଙ୍ଗରେ ତୁମକୁ ସାହାଯ୍ୟ କରିବା ପାଇଁ ଆହୁରି ଲୋକଙ୍କୁ ପଠାଉଛି । ଅର୍ଥାତ ଆହୁରି ଅନେକ ସେନା ପଠାଉଛି, ଯେଉଁମାନେ ତୁମପାଇଁ ଯଥେଷ୍ଟ ହେବେ । ଆଉ ତୁମକୁ ଆବଶ୍ୟକ ପଡ଼ିବ ନାହିଁ । ଇନଶାଅଲ୍ଲାଃ। ଓ୍ୱସ ସଲାମ୍ । ***(ତାରିଖୁଲ ଖମିସ ,ଖ-୦୩,ପୃ-୨୧୨-୨୧୩ ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୯)***

ସେହିପରି ହଜରତ ଅମରୋ ବିନ ଆସ ର ଅ ଙ୍କ ଚିଠି ହଜରତ ଅବୁ ବକର ର ଅ ଙ୍କୁ ମିଳିଲା । ହଜରତ ଅବୁ ବକର ର ଅ ଉତର ଦେଇ ଲେଖିଥିଲେ ଯେ ତୁମର ଚିଠି ମତେ ମିଳିଲା । ସେଥିରେ ତୁମେ ରୋମୀ ସେନାଙ୍କ ବିଷୟରେ ଉଲ୍ଲେଖ କରିଛ । ସୁତରାଂ ଏକଥାକୁ ମନେରଖ ଯେ ଅଲ୍ଲାଃତାଲା ନିଜର ପବିତ୍ର ନବି ସ ଅ ସଙ୍କ ସହିତ ଏକ ବିଶାଳ ସୈନ୍ୟବାହିନୀ ରହିବା ତଥା ସେହି ସୈନ୍ୟବାହିନୀ ଜରିଆରେ ବା ତା ଆଧାରରେ ଆମକୁ ବିଜୟ ମିଳିବ ବୋଲି ସୁସମାଚାର ଦେଇନାହାନ୍ତି । ଆମର ତ ଏପରି ଅବସ୍ଥା ଥିଲା ଯେ ଯେବେ ଆମେ ରସୁଲୁଲ୍ଲାଃ ସ ଆ ସ ଙ୍କ ସହିତ ଯୁଦ୍ଧ କରିବା ପାଇଁ ଯାଉଥିଲୁଁ,ସେତେବେଳେ ଆମ ନିକଟରେ କେବଳ ଦୁଇଟି ଘୋଡ଼ା ଥିଲେ,ଏବଂ ଆମେ ଓଟ ଉପରେ ପାଳି କରି ଚଢୁଥିଲୁଁ । ଓ୍ୱହଦ ଯୁଦ୍ଧ ଦିନ ଆମେ ରସୁଲୁଲ୍ଲାଃ ସ ଆ ସ ଙ୍କ ସହିତ ଥିଲୁଁ । ଆମ ନିକଟରେ କେବଳ ଗୋଟିଏ ଘୋଡ଼ା ଥିଲା । ସେଥିରେ ରସୁଲୁଲ୍ଲାଃ ସ ଆ ସ ଅରୋହଣ କରିଥିଲେ । କିନ୍ତୁ ଏହା ସତ୍ୱେ ମଧ୍ୟ ଅଲ୍ଲାଃତାଲା ଆମକୁ ଆମ ଶତୃମାନଙ୍କ ଉପରେ ବିଜୟ ପ୍ରଦାନ କଲେ ଏବଂ ଆମକୁ ସାହାଯ୍ୟ କଲେ । ପୁଣି ହଜରତ ଅବୁ ବକର ର ଅ କହିଲେ : ହେ ଅମରୋ ! ମନେରଖ ଅଲ୍ଲାଃଙ୍କର ସବୁଠାରୁ ଆଜ୍ଞାବହ ହେଉଛି ସେହି ଲୋକ ଯିଏ ପାପକୁ ସବୁଠାରୁ ଅଧିକା ଘୃଣା କରିଥାଏ । ନିଜେ ବି ଅଲ୍ଲାଃତାଲାଙ୍କ ଆଜ୍ଞା ପାଳନ କର ଏବଂ ନିଜ ସାଥିମାନଙ୍କୁ ମଧ୍ୟ ଆଜ୍ଞା ପାଳନ କରିବା ପାଇଁ ଆଦେଶ ଦିଅ । ***(ସୟଦନା ଅବୁ ବକର ସିଦ୍ଦିକ ର ଅ ଶଖସିୟତ ଔର କାରନାମେ ଅଜ ଅଲୀ ମୁହମ୍ମଦ ସଲାବୀ ,ମୁତରଜିମ ,ପୃ-୪୫୨,ଅଲଫୁରକାନ ଟ୍ରଷ୍ଟ ଖାନ ଗଢ୍ ପାକିସ୍ତାନ)***

ହଜରତ ଯଜିଦ ବିନ ଅବୁ ସୁଫିୟାନ ର ଅ ମଧ୍ୟ ହଜରତ ଅବୁ ବକର ରଅଙ୍କୁ ଚିଠି ଲେଖି ସେଠିକାର ପରିସ୍ଥିତି ବିଷୟରେ ଉଲ୍ଲେଖ କରି ତାଙ୍କଠାରୁ ସାହାଯ୍ୟ ମାଗିଥିଲେ । ସେହି ଚିଠିର ଉତରରେ ହଜରତ ଅବୁ ବକର ରଅ ଲେଖିଲେ ଯେ ଯେବେ ସେମାନଙ୍କ ସହିତ ତୁମର ଯୁଦ୍ଧ ହେବ,ସେତେବେଳେ ନିଜ ସାଥିମାନଙ୍କୁ ଧରି ସେମାନଙ୍କ ଉପରେ ଆକ୍ରମଣ କରିନେବ । ଅଲ୍ଲାଃତାଲା ତୁମକୁ ଅପମାନିତ କରିବେ ନାହିଁ ଅଲ୍ଲାଃତାଲା ଆମକୁ ଖବର ଦେଇଛନ୍ତି ଯେ ଅଲ୍ଲାଃତାଲାଙ୍କ କୃପାରୁ ଗୋଟିଏ ଛୋଟିଆ ଗୋଷ୍ଠୀ ଗୋଟିଏ ବଡ଼ ଗୋଷ୍ଠୀ ଉପରେ ବିଜୟ ପ୍ରାପ୍ତ କରିବ । ଏହା ସତ୍ୱେ ବି ମୁଁ ତୁମର ସାହାଯ୍ୟ କରିବା ପାଇଁ ସେନା ପରେ ସେନା ଦଳ ପଠାଇଚାଲିଛି । ଏହା ତୁମ ପାଇଁ ଯଥେଷ୍ଟ ହେବ ଏବଂ ଆଉ ଆବଶ୍ୟକ ପଡ଼ିବ ନାହିଁ । ଇନଶାଅଲ୍ଲାଃ । ଓ୍ୱସ ସଲାମ । ତାପରେ ହଜରତ ଅବୁ ବକର ର ଅ ଦସ୍ତଖତ କରିଲେ ।

ହଜରତ ଅବୁ ବକର ର ଅ ସେହି ଚିଠିଟିକୁ ହଜରତ ଅବ୍ଦୁଲ୍ଲାଃ ବିନ କୁରତ ର ଅଙ୍କୁ ହଜରତ ଯଜିଦ ର ଅଙ୍କ ନିକଟକୁ ନେଇଯିବା ପାଇଁ ଦେଲେ । ହଜରତ ଅବ୍ଦୁଲ୍ଲାଃ ବିନ କୁରତ ର ଅ ହଜରତ ଅବୁ ବକର ର ଅଙ୍କ ଚିଠି ନେଇ ହଜରତ ଯଜିଦ ର ଅଙ୍କ ନିକଟରେ ପହଂଚିଲେ ଏବଂ ସେହି ଚିଠିଟିକୁ ମୁସଲମାନ ମାନଙ୍କ ସମ୍ମୁଖରେ ପଢି ଶୁଣାଇଲେ । ଏତତଦ୍ୱାରା ମୁସଲମାନମାନେ ବହୁତ ଖୁସି ହେଲେ । ***(ତାରିଖୁଲ ଖମିସ ,ଖ-୦୩,ପୃ-୨୧୩ ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୯)***

ହଜରତ ଅବୁ ବକର ର ଅ ହାଶିମ ବିନ ଉତବାଃଙ୍କୁ ଡ଼କାଇପଠାଇଲେ ଏବଂ ତାଙ୍କୁ କହିଲେ ଯେ ହେ ହାଶିମ୍ ! ବାସ୍ତବିକ ଏହା ତୁମର ସୌଭାଗ୍ୟ ଯେ ତୁମେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନଙ୍କ ଠାରୁ ଏ ସମ୍ପ୍ରଦାୟ ନିଜ ମୁସରିକ ଶତୃଙ୍କ ବିରୋଧରେ ଜିହାଦ କରିବା ପାଇଁ ସାହାଯ୍ୟ ପ୍ରାପ୍ତ କରୁଅଛି ଏବଂ ଯାହାଙ୍କ ଶୁଭେଚ୍ଛା,ସଠିକ ମତାମତ,ପବିତ୍ରତା ଏବଂ ଯୁଦ୍ଧ କୌଶଳ ଉପରେ ହାକିମଙ୍କୁ ଭରସା ଏବଂ ଆତ୍ମବିଶ୍ୱାସ ରହିଛି । ହଜରତ ଅବୁ ବକର ର ଅ ହାଶିମଙ୍କୁ କହିଲେ ଯେ ମୁସଲମାନମାନେ ମୋତେ ଚିଠି ଲେଖି ନିଜର ମୁସରିକ ଶତୃମାନଙ୍କ ବିରୁଦ୍ଧରେ ମୋଠାରୁ ସାହଯ୍ୟ ଲୋଡ଼ିଛନ୍ତି । ତେଣୁ ତୁମେ ନିଜ ସାଥିମାନଙ୍କୁ ସାଥିରେ ଧରି ତାଙ୍କ ନିକଟକୁ ଚାଲିଯାଅ । ମୁଁ ଲୋକମାନଙ୍କୁ ତୁମ ସହିତ ଏହି ଅଭିଯାନରେ ସାମିଲ ହେବା ପାଇଁ ପ୍ରସ୍ତୁତ କରୁଅଛି । ଅତେବ ତୁମେ ଏଠାରୁ ଯାଇ ଅବୁ ଉବୈଦାଃ ର ଅଙ୍କ ସହିତ ଭେଟକର । ତାପରେ ହଜରତ ଅବୁ ବକର ର ଅ ଲୋକମାନଙ୍କ ସମ୍ମୁଖରେ ଛିଡ଼ା ହେଲେ ଏବଂ ଅଲ୍ଲାଃଙ୍କ ପ୍ରଶଂସାଗାନ କଲେ । ତାପରେ କହିଲେ ଅମ୍ମା ବାଦ୍ ! ବାସ୍ତବିକ ତୁମ ମୁସଲମାନ ଭାଇମାନଙ୍କ ମଧ୍ୟରୁ କିଛି ଭଲରେ ଅଛନ୍ତି । କିଛି ଆହାତ ହୋଇଛନ୍ତି, ଯେଉଁମାନଙ୍କୁ ସୁରକ୍ଷା ଦିଆଯାଉଅଛି ଏବଂ ସେମାନଙ୍କର ସେବା ଶୁଶ୍ରୁଷା କରାଯାଉଅଛି । ଅଲ୍ଲାଃତାଲା ଶତୃମାନଙ୍କ ହୃଦୟରେ ସେମାନଙ୍କର ଭୟ ରଖିଦେଇଛନ୍ତି । ଶତୃମାନେ ନିଜ କିଲ୍ଲା ଭିତରେ ଆଶ୍ରୟ ନେଇ କିଲ୍ଲାର ଫାଟକକୁ ବନ୍ଦ କରିଦେଇଛନ୍ତି । ମୁସଲମାନଙ୍କ ତରଫରୁ ଖବରବାହକ ଏ ଖବର ଘେନି ଆଣିଛନ୍ତି ଯେ ରୋମର ସମ୍ରାଟ ହିରକଲ ସେମାନଙ୍କ ସମ୍ମୁଖରୁ ପଳାୟନ କରି ସିରିଆ ରାଜ୍ୟର ପ୍ରାନ୍ତରେ ଥିବା ଗୋଟିଏ ବସ୍ତିରେ ଆଶ୍ରୟ ନେଇଛି । ସେ ଆମକୁ ଏ ଖବର ପଠାଇଛନ୍ତି ଯେ ହିରକଲ୍ ସେହି ସ୍ଥାନରୁ ଗୋଟିଏ ବହୁତ ବଡ଼ ସୈନ୍ୟବାହିନୀ ପ୍ରସ୍ତୁତ କରି ମୁସଲମାନମାନଙ୍କ ବିରୁଦ୍ଧରେ ପଠାଇଛି । ମୁଁ ଚିନ୍ତା କରିଛି ଯେ ତୁମ ମୁସଲମାନ ଭାଇମାନଙ୍କ ସାହାଯ୍ୟ କରିବା ପାଇଁ ତୁମମାନଙ୍କର ଗୋଟିଏ ସୈନ୍ୟଦଳ ପଠାଇବି । ଅଲ୍ଲାଃତାଲା ଏହି ସୈନ୍ୟମାନଙ୍କ ଜରିଆରେ ସେମାନଙ୍କ ପଛକୁ ସୁଦୃଢ କରିଦେବେ ଏବଂ ଶତୃମାନଙ୍କୁ ଅପମାନିତ କରିବେ ଏବଂ ସେମାନଙ୍କ ହୃଦୟରେ ଭୟ ସୃଷ୍ଟି କରିଦେବେ । ଅଲ୍ଲାଃତାଲା ତୁମମାନଙ୍କ ଉପରେ ଦୟା କରନ୍ତୁ । ହାଶିମ ବିନ୍ ଉତବାଃଙ୍କ ସାଥିରେ ଯିବା ପାଇଁ ପ୍ରସ୍ତୁତ ହୋଇଯାଅ । ଅଲ୍ଲାଃତାଲାଙ୍କ ନିକଟରୁ ଐଶି ପରୁସ୍କାର ଏବଂ ଉତମ ପ୍ରତିଫଳର ଆଶା ରଖ । ଯଦି ତୁମେ ସଫଳ ହୋଇଯାଅ,ତାହେଲେ ତୁମେ ବିଜୟ ଏବଂ ମାଲେ ଗନିମତ୍ (ଅର୍ଥାତ ଯୁଦ୍ଧରେ ଜିଣା ଯାଇଥିବା ଧନ ସମ୍ପତି) ପାଇବ । ଯଦି ତୁମେ ବିଫଳ ହୁଅ ତାହେଲେ ଶହାଦତ ଏବଂ ଗୌରବର ଅଧିକାରୀ ହେବ ।

ପୁଣି ହଜରତ ଅବୁ ବକର ର ଅ ନିଜ ଘରକୁ ଆସିଲେ ଏବଂ ଲୋକମାନେ ହାଶିମ ବିନ ଉତବାଃଙ୍କ ନିକଟରେ ଏକାଠି ହେଲେ । ଏହିପରି ଧିରେ ଧିରେ ସେମାନଙ୍କର ସଂଖ୍ୟା ବଢିବାକୁ ଲାଗିଲା । ଯେବେ ସଂଖ୍ୟା ଯାଇ ଏକ ହଜାରରେ ଲାଗିଲା,ସେତେବେଳେ ହଜରତ ଅବୁ ବକର ର ଅ ସେମାନଙ୍କୁ ଅଭିଯାନରେ ବାହାରିଯିବାକୁ ଆଦେଶ ଦେଲେ । ହାଶିମ ହଜରତ ଅବୁ ବକର ର ଅଙ୍କୁ ସଲାମ କରି ବିଦୟା ନେଲେ । ହଜରତ ଅବୁ ବକର ର ଅ ହାଶିମ ର ଅ ଙ୍କୁ କହିଲେ : ହେ ହାଶିମ୍ ! ଆମେମାନେ ବୃଦ୍ଧମାନଙ୍କର ରାୟ, ପରାମର୍ଶ ଏବଂ ସୁନ୍ଦର ଯୋଜନାରୁ ଲାଭ ଉଠାଉଥିଲୁ । ସେହିପରି ଯୁବକମାନଙ୍କର ଧୈର୍ଯ୍ୟ,ଶକ୍ତି ଏବଂ ସାହାସ ଉପରେ ନିର୍ଭର କରୁଥିଲୁଁ । ଅଲ୍ଲାଃତାଲା ତୁମ ଭିତରେ ଏହି ସମସ୍ତ ସୁଗୁଣକୁ ଭରି ରଖିଛନ୍ତି । ତୁମେ ଏବେ ନବଯୌବନ ଏବଂ ଉତମତା ଆଡ଼କୁ ବଢିବାକୁ ଯାଉଛ ।

ଯେବେ ଶତୃ ସହିତ ତୁମର ମୁହାଁମୁହିଁ ହେବ,ସେମାନଙ୍କ ସହିତ ଦୃଢତାର ସହିତ ଲଢିବ ଏବଂ ଧୈର୍ଯ୍ୟ ପ୍ରଦର୍ଶନ କରିବ । ମନେରଖ ଅଲ୍ଲାଃଙ୍କ ମାର୍ଗରେ ତୁମେ ଯେଉଁ ପଦକ୍ଷେପ ଉଠାଇବ,ଯାହାକିଛି ଖର୍ଚ୍ଚ କରିବ ଏବଂ ଯାହା କିଛି ଭୋକ ଶୋଷ ଏବଂ ଥକାପଣ ଅନୁଭବ କରିବ,ସେଥି ପାଇଁ ଅଲ୍ଲାଃ ତାଲା ତୁମ କାର୍ଯ୍ୟ ପୁସ୍ତକରେ ଅମଲେ ସ୍ୱାଲେହ (ଅର୍ଥାତ ସର୍ବୋତମ କାର୍ଯ୍ୟ) ଲେଖିଦେବେ । ଯେଉଁମାନେ ଉତମ କାର୍ଯ୍ୟ କରିଥାନ୍ତି, ସେମାନଙ୍କ ପୁରସ୍କାରକୁ ଅଲ୍ଲାଃତାଲା ବ୍ୟର୍ଥ କରନ୍ତି ନାହିଁ । ହାଶିମ କହିଲେ ଯେ : ଯଦି ଅଲ୍ଲାଃତାଲା ମୋ ସହିତ ଏପରି ଶୁଭମନାସିଛନ୍ତି ତାହେଲେ ସେ ମୋ ସହିତ ସେହିପରି ହିଁ ବ୍ୟବହାର କରିବେ । ମୁଁ ମଧ୍ୟ ସେହିପରି ହିଁ କରିବି । ଶକ୍ତି ଏବଂ ବଳ ସବୁକିଛି ଅଲ୍ଲାଃତାଲାଙ୍କର । ମୁଁ ଆଶା ରଖିଛି ଯେ ଯଦି ମୁଁ ନମରେ,ତାହେଲେ ମୁଁ ସେମାନଙ୍କ ସହିତ ଲଢିବି । ପୁଣି ଲଢିବି, ପୁଣି ସେମାନଙ୍କ ସହିତ ଲଢିବି । ତାପରେ ସେ କହିଲେ ଯେ ମୋର ଆଶା ଅଛି ଯେ ଯଦି ମୋତେ ମାରି ନଦିଆଯାଏ,ମୁଁ ସେମାନଙ୍କ ସହିତ ବାରମ୍ବାର ଲଢିବି । ବା ସେ ଏମିତି କହିଥିଲେ ଯେ ମୋର ଏ ଅଭିଳାଷ ରହିଛି ଯେ ମୋତେ ହତ୍ୟା କରାଯାଉ ଏବଂ ବାରମ୍ବାର ହତ୍ୟା କରାଯାଉ । ଏହିପରି ଦୁଇଟି ରିଓ୍ୱାୟତ ଆସିଛି । ପୁଣି ତାଙ୍କର ଚାଚା ହଜରତ ସାଆଦ ବିନ୍ ଅବି ଓ୍ୱକାସ ର ଅ କହିଲେ ଯେ ହେ ମୋର ପୁତୁରା ! ତୁମେ ଯେଉଁ ବର୍ଛା ଚାଳନା କରିବ ତାହା ଅଲ୍ଲାଃଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚଳାଇବ । ଏକଥା ଜାଣି ରଖ ଯେ ତୁମେ ବହୁତ ଶୀଘ୍ର ଏ ଦୁନିଆକୁ ଛାଡ଼ିବାକୁ ଯାଉଛ । ବହତୁ ଶୀଘ୍ର ଅଲ୍ଲାଃଙ୍କ ଆଡ଼କୁ ଫେରିବ । ଏହି ଜଗତରୁ ନେଇ ଶେଷକାଳ ପର୍ଯ୍ୟନ୍ତ ତୁମ ସହିତ ସତ୍ୟର ପଦକ୍ଷେପ ରହିବ ଯାହାକୁ ତୁମେ ଉଠାଇଥିବ ବା ସତକାର୍ଯ୍ୟ ତୁମେ ଯାହାକୁ କରିଥିବ ।

ହାଶିମ କହିଲେ : ଚାଚାଜାନ ! ଆପଣ ମୋ ତରଫରୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିତ ଏବଦଂ ନିର୍ଭୀକ ରହନ୍ତୁ । ଯଦି ମୋର ରହିବା ଓ ଯାତ୍ରା କରିବା, ମୋର ସକାଳ ଓ ସଂନ୍ଧ୍ୟାର କାର୍ଯ୍ୟକଳାପ,ପ୍ରଚେଷ୍ଟା, ଯୁଦ୍ଧ କରିବ. ନିଜର ବର୍ଛା ଚାଳନା କରିବା ଏବଂ ନିଜ ହାତରେ ରରବାରୀ ଚାଳନା କରିବା ଇତ୍ୟାଦି କାର୍ଯ୍ୟ ଲୋକମାନଙ୍କୁ ଦେଖାଇବା ପାଇଁ ତାହାହେଲେ ପୁଣି ମୁଁ କ୍ଷତି ଉଠାଉଥିବା ଲୋକମାନଙ୍କ ମଧ୍ୟରେ ଗଣା ହେବି । ଅର୍ଥାତ ମୋର ସବୁକାର୍ଯ୍ୟ ଅଲ୍ଲାଃଙ୍କ ଖାତିର ହେବ ଲୋକମାନଙ୍କ ପାଇଁ ନୁହେଁ । ପୁଣି ହଜରତ ଅବୁ ବକର ର ଅ ଙ୍କ ନିକଟରୁ ବିଦାୟ ନେଇ ହଜରତ ଅବୁ ଉବୈଦାଃ ର ଅଙ୍କ ଆଡ଼କୁ ଚାଲିଲେ । ତାଙ୍କ ନିକଟରେ ପହଂଚିବା ଦେଖି ମୁସଲମାନମାନେ ଖୁସି ହୋଇଗଲେ । ତାଙ୍କ ଆସିବା ଦେଖି ଜଣେ ଅନ୍ୟଜଣକୁ ଶୁଭେଚ୍ଛା ଜଣାଇଲେ ।

ହଜରତ ସଈଦ ବିନ ଆମିର ବିନ ହିଜୈମ ର ଅଙ୍କୁ ଏହି ଖବର ପହଂଚିଲା ଯେ ହଜରତ ଅବୁ ବକର ର ଅ ତାଙ୍କୁ ସିରିଆ ଅଭିଯାନରେ ପଠାଇବାକୁ ଚାହୁଁଛନ୍ତି । ହଜରତ ଅବୁ ବକର ର ଅ ଆଉ ଏକ ସୈନ୍ୟବାହିନୀ ପ୍ରସ୍ତୁତ କରୁଥିଲେ । ହଜରତ ସଈଦ ବିନ ଆମିର ବିନ ହିଜୈମ ର ଅଙ୍କର ଏ ଧାରଣା ଥିଲା ଯେ ଏହା ତାଙ୍କ ନେତୃତ୍ୱରେ ବାହାରିବ । ସେ ଯାହା ବି ହେଉ ତାଙ୍କ ନିକଟରେ ଏହି ଖବର ପହଂଚିଲା । କିନ୍ତୁ ଯେବେ ହଜରତ ଅବୁ ବକର ର ଅ କିଛିଟା ବିଳମ୍ବ କରିଦେଲେ ଏବଂ କିଛି ଦିନ ତାଙ୍କ ସହିତ କଥାବାର୍ତା କରିବାରୁ ନିବୃତ ରହିଲେ,ସେତେବେଳେ ହଜରତ ସଈଦ ବିନ ଆମିର ବିନ ହିଜୈମ ର ଅ ହଜରତ ଅବୁ ବକର ର ଅ ଙ୍କ ନିକଟକୁ ଆସିଲେ ଏବଂ କହିଲେ ଯେ ହେ ଅବୁ ବକର ! ଅଲ୍ଲାଃଙ୍କ ରାଣ ମତେ ଏ ଖବର ମିଳିଥିଲା ଯେ ଆପଣ ମୋତେ ରୋମୀମାନଙ୍କ ଆଡ଼କୁ ପଠାଇବାକୁ ମନସ୍ଥ କରିଛନ୍ତି । କିନ୍ତୁ ମୁଁ ଦେଖିଲି ଯେ ଆପଣ ନୀରବତା ଅବଲମ୍ବନ କରିଛନ୍ତି । ମୁଁ ଏହା ଜାଣିନାହିଁ ଯେ ମୋ ସମ୍ବନ୍ଧରେ ଆପଣଙ୍କ ମନରେ କି ପ୍ରକାରର ଭାବନା ରହିଛି । ଯଦି ଆପଣ ମୋ ବ୍ୟତୀତ ଆଉ କାହାକୁ ଅମୀର ଭାବରେ ପ୍ରେରଣ କରିବାକୁ ଚାହୁଁଛନ୍ତି, ତାହେଲେ ମତେ ତାଙ୍କ ସହିତ ପଠାଇଦିଅନ୍ତୁ । ଆଠାରୁ ବଡ଼ ଖୁସି ମୋତେ ଆଉ କୌଣସି ଜିନିଷରେ ମିଳିବ ନାହିଁ । ଯଦି ଆପଣ ଆଉ କାହାକୁ ପଠାଇବାକୁ ଚାହୁଁ ନାହାନ୍ତି,ତାହା ହେଲେ ମୁଁ ଜିହାଦ କରିବାକୁ ଭଲ ପାଇଥାଏ । ଆପଣ ମୋତେ ଅନୁମତି ଦିଅନ୍ତୁ ଯେ ମୁଁ

ମୁସଲମାନମାନଙ୍କ ସହିତ ଯାଇ ମିଶିଯିବି । ଅଲ୍ଲାଃ ଆପଣଙ୍କ ଉପରେ ଦୟା କରନ୍ତୁ । ମୋ ସମ୍ମୁଖରେ ଏକଥା କୁହାଯାଉଥିବାର ମୁଁ ଶୁଣିଛି ଯେ ରୋମୀୟମାନେ ଗୋଟିଏ ବହୁତ ବଡ଼ ସୈନ୍ୟଦଳ ପ୍ରସ୍ତୁତକରି ରଖିଛନ୍ତି । ଏହା ଶୁଣି ହଜରତ୍ ଅବୁ ବକର ର ଅ କହିଲେ : ହେ ସଇଦ ବିନ ଆମିର ! ସବୁଠାରୁ ବଡ଼ ଦୟାଳୁ ଓ କୃପାଳୁ ତୁମ ଉପରେ ଦୟା କରନ୍ତୁ । ମୁଁ ତୁମକୁ ଯେତେଟା ଜାଣିଛି ,ତୁମର ଗଣନା ନମ୍ର,ଦୟାଳୁ, ଭୋରରୁ ଉଠି ନମାଜ ତହଜ୍ଜୁଦ ପାଠକାରୀ ଏବଂ ବହୁମାତ୍ରାରେ ଅଲ୍ଲାଃଙ୍କ ନାମର ସ୍ତୁତିଗାନ କରିବା ଲୋକମାନଙ୍କ ମଧ୍ୟରେ ହୋଇଥାଏ ।

ଏଥିରେ ହଜରତ ସଇଦ ର ଅ ହଜରତ ଅବୁ ବକର ର ଅଙ୍କୁ କହିଲେ ଯେ ଅଲ୍ଲାଃ ଆପଣଙ୍କ ଉପରେ ଦୟା କରନ୍ତୁ । ଅଲ୍ଲାଃଙ୍କର ମୋ ଉପରେ ଆଠାରୁ ଅଧିକା ଅନୁଗ୍ରହ ରହିଛି । ତାହାଙ୍କ କୃପା ଏବଂ ଅନୁଗ୍ରହ ରହିଛି । ଅଲ୍ଲାଃଙ୍କ ରାଣ ! ମୁଁ ଆପଣଙ୍କୁ ଯେତିକି ଜାଣିଛି ଆପଣ ସତ୍ୟକୁ ଖୋଲାଖୋଲି ଭାବରେ କହିଥାନ୍ତି । ନ୍ୟାୟ ସହିତ ଦୃଢ଼ତାର ସହ ଛିଡ଼ା ହୋଇଥାନ୍ତି । ମୋମିନ (ଈଶ୍ୱରବିଶ୍ୱାସୀ) ଙ୍କ ପ୍ରତି ଦୟା ଆଚରଣ କରିଥାନ୍ତି । କାଫିର (ଅର୍ଥାତ ଅବିଶ୍ୱାମୀମାନ)ଙ୍କ ବିପକ୍ଷରେ ଅତ୍ୟନ୍ତ କଠୋର ହୋଇଥାନ୍ତି । ଆପଣ ନ୍ୟାୟ ସହିତ ନିଷ୍ପତି କରିଥାନ୍ତି । ସେହିପରି ଧନ ବଂଟନ କରିବା ସମୟରେ କାହାକୁ ବି ଅଗ୍ରାଧିକାର ଦେଇନଥାନ୍ତି । ଏଥିରେ ହଜରତ ଅବୁ ବକର ର ଅ ତାଙ୍କୁ କହିଲେ : ହେ ସଇଦ ! ସେତିକି କୁହ ଏବେ ଏହାକୁ ବନ୍ଦ କର । ଅଲ୍ଲାଃ ଆପଣଙ୍କ ଉପରେ ଦୟା କରନ୍ତୁ । ଯାଅ ଏବଂ ଯୁଦ୍ଧରେ ସାମିଲ ହେବା ପାଇଁ ପ୍ରସ୍ତୁତ ହୋଇଯାଅ । ମୁଁ ଏବେ ସିରିଆ ଆଡ଼କୁ ଗୋଟିଏ ସେନା ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛି , ମୁଁ ତୁମକୁ ସେହି ସୈନ୍ୟବାହିନୀର ଅମୀର ନିଯୁକ୍ତି କରୁଅଛି । ତାପରେ ହଜରତ ଅବୁ ବକର ର ଅ ହଜରତ ବେଲାଲ ର ଅଙ୍କୁ ଆଦେଶ ଦେଲେ ଯେ ସେ ଯାଇ ଲୋକମାନଙ୍କ ମଧ୍ୟରେ ଏ ବିଷୟରେ ଘୋଷଣା କରିଦିଅନ୍ତୁ । ସେ ଯାଇ ଘୋଷଣା କରିଲେ ଯେ ହେ ମୁସଲମାନମାନେ ! ହଜରତ ସଇଦ ବିନ ଆମିର ବିନ ହିଜୈମ ର ଅଙ୍କ ସହିତ ସିରିଆ ଅଭିଯାନ ପାଇଁ ପ୍ରସ୍ତୁତ ହୋଇଯାଅ । କିଛି ଦିନ ଭିତରେ,ତାଙ୍କ ସହିତ ସାତ ଶହ ଲୋକ ପ୍ରସ୍ତୁତ ହୋଇଗଲେ । ଯେବେ ହଜରତ ସଇଦ ର ଅ ମାର୍ଚ୍ଚ କରିବା ପାଇଁ ବାହାରିଲେ,ହଜରତ ବିଲାଲ ର ଅ ସେତେବେଳେ ହଜରତ ଅବୁ ବକର ରଅଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ଯେ ହେ ରସୁଲୁଲ୍ଲାଃଙ୍କ ଖଲିଫା ! ଯଦି ଆପଣ ମତେ ଅଲ୍ଲାଃତାଲାଙ୍କ ଖାତିର ଆଜାଦ କରିଥିଲେ ଯେ ମୁଁ ନିଜର ମାଲିକ ହୋଇ ନିଜେ ରହିବି ଏବଂ ଲାଭଦାୟକ ଦିଗରେ ଗତି କରିବି ବୋଲି,ତାହେଲେ ଆପଣ ମତେ ଅନୁମତି ଦିଅନ୍ତୁ ଯେ ମୁଁ ମୋ ପାଳନକର୍ତ୍ତାଙ୍କ ମାର୍ଗରେ ଜିହାଦ କରିବି । ବସିରହିବା ଅପେକ୍ଷା ମୋ ପାଇଁ ଜିହାଦ କରିବା ଅଧିକା ପ୍ରିୟ । ହଜରତ ଅବୁ ବକର ର ଅ କହିଲେ : ଅଲ୍ଲାଃ ସାକ୍ଷୀ ଅଛନ୍ତି ଯେ ମୁଁ ତୁମକୁ ଏଇଥିପାଇଁ ଆଜାଦ କରିଥିଲି ଏବଂ ମୁଁ ତୁମଠାରୁ ତା ପ୍ରତି ବଦଳରେ କୌଣସି ପୁରସ୍କାର ବା କୌଣସି ପ୍ରକାରର ଧନ୍ୟବାଦ ଚାହୁଁନାହିଁ । ଏହି ଭୂମି ବହୁତ ବିସ୍ତୃତ,ତେଣୁ ତୁମେ ଯେଉଁ ମାର୍ଗରେ ପରିଚାଳିତ ହେବାକୁ ପସନ୍ଦ କରୁଅଛ ସେହି ମାର୍ଗରେ ପରିଚାଳିତ ହୁଅ । ହଜରତ ବେଲାଲ ର ଅ କହିଲେ : ହେ ସିଦ୍ଦିକ୍ ! ବୋଧହୁଏ ଆପଣ ମୋର ଏହି କଥାକୁ ଖରାପ ଭାବିଲେ ଏବଂ ଆପଣ ମୋ ଉପରେ ଅପ୍ରସନ୍ନ ହୋଇଛନ୍ତି । ହଜରତ ଅବୁ ବକର ର ଅ କହିଲେ: ଅଲ୍ଲାଃଙ୍କ ରାଣ ! ନୁହେଁ । ମୁଁ ଏକଥାରେ ନାରାଜ ନୁହେଁ । ମୁଁ ଚାହୁଁଛି ଯେ ତୁମେ ମୋ ଇଚ୍ଛା ପାଇଁ ତୁମର ଅଭିଳାଷାକୁ ଛାଡ଼ିଦିଅ ନାହିଁ । କାରଣ ତୁମର ଇଚ୍ଛା ଓ ଅଭିଳାଷା ତୁମକୁ ଅଲ୍ଲାଃଙ୍କ ଆଜ୍ଞା ପାଳନ କରିବା ଆଡ଼କୁ ଡ଼ାକୁଅଛି । ଏଥିରେ ହଜରତ ବିଲାଲ ର ଅ କହିଲେ : ଯଦି ଆପଣ ଚାହୁଁଛନ୍ତି ତାହେଲେ ମୁଁ ଆପଣଙ୍କ ନିକଟରେ ରହିଯାଉଛି । ଏଥିରେ ହଜରତ ଅବୁ ବକର ର ଅ କହିଲେ : ଯଦି ତୁମର ଇଚ୍ଛା ଜିହାଦ କରିବାକୁ ତାହେଲେ ମୁଁ ତୁମକୁ କେବେ ବି ମୋ ନିକଟରେ ରହିବାକୁ କହିବି ନାହିଁ । ମୁଁ ତୁମକୁ କେବଳ ଆଜାନ କହିବା ପାଇଁ ଚାହୁଁଛି । ହେ ବିଲାଲ ! ମୋତେ ତୁମର ବିଚ୍ଛେଦ ଯୋଗୁଁ ଭୟ ଅନୁଭବ ହେଉଛି । କିନ୍ତୁ ଏପରି ବିଚ୍ଛେଦ ଜରୁରୀ,ଏପରି ବିଚ୍ଛେଦ ପରେ କୟାମତ ପର୍ଯ୍ୟନ୍ତ ସାକ୍ଷାତ ହୋଇନଥାଏ । ହେ ବିଲାଲ ! ତୁମେ ପୁଣ୍ୟକର୍ମ କରିଚାଲିଥିବ । ଏଦୁନିଆରେ ତୁମର କାର୍ଯ୍ୟ ଏହି ପୁଣ୍ୟକର୍ମ ହେଉ । ଯେ ପର୍ଯ୍ୟନ୍ତ ତୁମେ ବଂଚିରହିଥିବ, ଏହି ପୁଣ୍ୟକର୍ମ ପାଇଁ ଅଲ୍ଲାଃତାଲା ତୁମର ଚର୍ଚ୍ଚାକୁ ଚିରଦିନ ପାଇଁ ବାକି ରଖିବେ । ତୁମର ଯେବେ ଦେହାନ୍ତ ହେବ ଅଲ୍ଲାଃତାଲା ତୁମକୁ ଏହାର ଉତମ ପ୍ରତିଫଳ (ଅର୍ଥାତ ପୂଣ୍ୟଫଳ) ପ୍ରଦାନ କରିବେ । ହଜରତ ବିଲାଲ ର ଅ ଆପଣ ରଅଙ୍କୁ କହିଲେ: ଅଲ୍ଲାଃ ଆପଣଙ୍କୁ ଏହି ବନ୍ଧୁ ତଥା ଭାଇଙ୍କ ତରଫରୁ ଉତମ ପ୍ରତିଫଳ ପ୍ରଦାନ କରନ୍ତୁ ।

ଅଲ୍ଲାଃଙ୍କ ରାଣ ! ଆପଣ ଆମମାନଙ୍କୁ ଅଲ୍ଲାଃଙ୍କ ଆଜ୍ଞାପାଳନ କରିବା ପାଇଁ, ଧୈର୍ଯ୍ୟ ଧରିବା ପାଇଁ ଏବଂ ସତ୍ୟ ତଥା ପୁଣ୍ୟକର୍ମ କରିବାରେ ସ୍ଥିରତା ଅବଲମ୍ବନ କରିବା ପାଇଁ ଆଦେଶ ଦେଇଛନ୍ତି,ଏହା କୌଣସି ନୂଆ କଥା ନୁହେଁ । ମୁଁ ରସୁଲୁଲ୍ଲାଃ ସ ଆ ସଙ୍କ ପରେ ଆଉ କାହା ପାଇଁ ଆଜାନ ଦେବାକୁ ଚାହୁଁନାହିଁ ।

ପୁଣି ହଜରତ ସଇଦ ବିନ ଆମିର ର ଅଙ୍କ ସହିତ ହଜରତ ବିଲାଲ ର ଅ ମଧ୍ୟ ସେହି ଅଭିଯାନରେ ବାହାରି ପଡ଼ିଲେ । ***(ଅଲଇକତିଫାଅ ବିମା ତଜମନାଃ ମିନ ମଗାଜି ରସୁଲୁଲ୍ଲାଃ ....ଖ-୦୨ ଭାଗ-୦୧ ପୃ-୧୩୦-୧୩୨,ଆଲିମୁଲ କୁତୁବ ବେରୁତ ୧୯୯୭)***

ସେ ପୁଣି ନିବେଦନ କଲେ ଯେ ଯଦି କେବଳ ଆଜାନ ଦେବା ପାଇଁ ରୋକିବାକୁ ଚାହୁଁଛନ୍ତି । ତାହେଲେ ମୋର ଏ ଇଚ୍ଛା ଯେ ମୁଁ ଆଜାନ ଦେବି ନାହିଁ । କାରଣ ମୋ ମନ ଚାହୁଁ ନାହିଁ ଯେ ମୁଁ ରସୁଲୁଲ୍ଲାଃ ସ ଆ ସଙ୍କ ପରେ ଆଉ କାହା ପାଇଁ ଆଜାନ ଦେବି । ତାପରେ ହଜରତ ଅବୁ ବକର ର ଅ ଙ୍କ ନିକଟରେ ଆହୁରି ଅନେକ ଲୋକ ଏକାଠି ହୋଇଗଲେ । ହଜରତ ଅବୁ ବକର ର ଅ ମାଓ୍ୱିୟାକୁ ତାଙ୍କ ଉପରେ ଅମୀର ନିଯୋଜିତ କଲେ । ତାଙ୍କୁ ତାଙ୍କ ଭାଇ ହଜରତ ୟଜିଦ ର ଅଙ୍କ ସହିତ ଯାଇ ମିଶି ଯିବାକୁ ଆଦେଶ ଦେଲେ । ହଜରତ ମାଓ୍ୱିୟା ର ଅ ସେଠାରୁ ବାହାରି ହଜରତ ୟଜିଦ ର ଅଙ୍କ ସହିତ ଯାଇ ମିଶିଗଲେ । ଯେତେବେଳେ ହଜରତ ମାଓ୍ୱିୟା ର ଅ ହଜରତ ଖାଲିଦ ବିନ୍ ସଇଦ ର ଅଙ୍କ ନିକଟ ଦେଇ ଗଲେ,ତାଙ୍କ ସେନାର ଅବଶିଷ୍ଟ ସୈନ୍ୟମାନେ ମଧ୍ୟ ହଜରତ ମାଓ୍ୱିୟା ର ଅଙ୍କ ସାଥିରେ ଯାଇ ମିଶିଗଲା । ***(ତାରିଖେ ଟିବରୀ ଖ-୦୨,ପୃ-୩୩୩,ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବାନନ ୨୦୧୨)***

ପୁଣି ହମଜାଃ ବିନ ମାଲିକ ହମଦାନୀ ଗୋଟିଏ ସୈନ୍ୟବାହିନୀ ସହିତ ହଜରତ ଅବୁ ବକର ର ଅଙ୍କ ସେବାରେ ଉପସ୍ଥିତ ହେଲେ । ସେହି ସେନାର ସଂଖ୍ୟା ପ୍ରାୟ ଏକ ହଜାର ବା ତାଠାରୁ କିଛିଟା ଅଧିକା ଥିଲା । ଯେବେ ହଜରତ ଅବୁ ବକର ର ଅ ସେମାନଙ୍କ ସଂଖ୍ୟା ଏବଂ ସେମାନଙ୍କର ପ୍ରସ୍ତୁତି ଦେଖିଲେ, ଆପଣ ର ଅ ବହୁତ ଖୁସି ହେଲେ ଏବଂ କହିଲେ: ମୁସଲମାନମାନଙ୍କ ଉପରେ ଅଲ୍ଲାଃଙ୍କର ଏପରି ଅନୁଗ୍ରହ ଯୋଗୁଁ ସମସ୍ତ ପ୍ରଶଂସା ତାହାଙ୍କ ପାଇଁ ଉଦ୍ଦିଷ୍ଟ । ଅଲ୍ଲାଃ ସର୍ବଦା ଏହି ଲୋକମାନଙ୍କ ଜରିଆରେ ମୁସଲମାନମାନଙ୍କୁ ସାହାଯ୍ୟ କରି ସେମାନଙ୍କୁ ଆରାମ ଏବଂ ଶାନ୍ତି ପ୍ରଦାନ କରିଥାନ୍ତି ଏବଂ ଏହା ମାଧ୍ୟମରେ ମୁସଲମାନମାନଙ୍କ ଅଂଟାକୁ ସୁଦୃଢ଼ କରିଥାନ୍ତି ଏବଂ ତାଙ୍କ ଶତ୍ରୁମାନଙ୍କ ଅଂଟା ଦୁର୍ବଳ କରିଥାନ୍ତି ।

ପୁଣି ହମଜାଃ ହଜରତ ଅବୁ ବକର ର ଅଙ୍କୁ କହିଲେ ଯେ : କ'ଣ ଆପଣଙ୍କ ବ୍ୟତୀତ ମୋ ଉପରେ ଆଉ କିଏ ଅମୀର ହେବେ ? ହଜରତ ଅବୁ ବକର ର ଅ କହିଲେ : ହଁ ଆମେ ତିନି ଜଣ ଅମୀରଙ୍କୁ ନିଯୁକ୍ତ କରିଛୁ । ସେମାନଙ୍କ ମଧ୍ୟରୁ ତୁମେ ଯାହାଙ୍କ ସହିତ ଚାହିଁବ ଯାଇ ଭେଟି ପାରିବ । ପୁଣି ଯେବେ ହମଜାଃ ମୁସଲମାନମାନଙ୍କ ସହିତ ଯାଇ ଭେଟିଲେ, ସେମାନଙ୍କୁ ପଚାରିଲେ ଯେ ଏହି ଅମୀରମାନଙ୍କ ମଧ୍ୟରୁ କେଉଁ ଅମୀର ସବୁଠାରୁ ଉତମ ଏବଂ ନବି କରିମ ସ ଆ ସ ଙ୍କ ସଙ୍ଗତ ଅନୁସାରେ ସମସ୍ତଙ୍କ ଅପେକ୍ଷା ଉତମ ? ତାଙ୍କୁ କୁହାଗଲା ଯେ ସେ ହେଉଛନ୍ତି ହଜରତ ଅବୁ ଉବୈଦାଃ ବିନ ଜରରାହ୍ ର ଅ । ଅତେବ ସେ ତାଙ୍କ ସହିତ ଯାଇ ମିଶିଗଲେ । ଏହା ମଧ୍ୟ ସେହି ଲୋକମାନଙ୍କର ଏକ ପ୍ରେମଭାବର ପ୍ରକାଶ ଥିଲା କି ଯେ ଆଁ ହଜରତ ସ ଆ ସଙ୍କ ନିକଟରେ ରହିବାର ସୌଭାଗ୍ୟ ପାଇଥିବେ,ସେମାନଙ୍କ ସାଥିରେ ମୁଁ ଯାଇ ରହିବି ।

ଜିହାଦ କରିବା ପାଇଁ ଲୋକମାନଙ୍କର ଧାରା ମଦିନା ପହଂଚିବାରେ ଜାରି ରହିଲା । ହଜରତ ଅବୁ ବକର ର ଅ ସେମାନଙ୍କୁ ଅଭିଯାନରେ ପଠାଇଚାଲିଥିଲେ । ଅପର ପକ୍ଷେ ହଜରତ ଅବୁ ଉବୈଦାଃ ର ଅ ଅନବରତ ହଜରତ ଅବୁ ବକର ର ଅଙ୍କ ନିକଟକୁ ପତ୍ର ଲେଖୁଥିଲେ ଯେ ରୋମାନ ଏବଂ ତାଙ୍କ ଅଧିନରେ ଥିବା କବିଲାଗୁଡ଼ିକ ମୁସଲମାନମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ବହୁ ସଂଖ୍ୟାରେ ଏକାଠି ହେଉଛନ୍ତି । ତେଣୁ ଏପରି ପରିସ୍ଥିତିରେ ମତେ କ'ଣ କରବା ଉଚିତ ହେବ ଦୟାକରି ମୋର ମାର୍ଗଦର୍ଶନ କରନ୍ତୁ । ***(ଅଲଇକତିଫାଅ ବିମା ତଜମନାଃ ମିନ ମଗାଜି ରସୁଲୁଲ୍ଲାଃ ....ଖ-୦୨ ଭାଗ-୦୧ ପୃ-୧୩୩-୧୩୬,ଆଲିମୁଲ କୁତୁବ ବେରୁତ ୧୯୯୭)***

ହଜରତ ଅବୁ ଉବୈଦାଃ ର ଅ ଙ୍କ ନିକଟରୁ କ୍ରମାଗତ ଭାବରେ ଯେଉଁ ଚିଠି ଆସୁଥିଲା,ତାହାର ପରିଣାମ ସ୍ୱରୂପ ହଜରତ ଅବୁ ବକର ର ଅ ହଜରତ ଖାଲିଦ ବିନ୍ ୱଲିଦ ର ଅଙ୍କୁ ସିରିଆ ପଠାଇବା ପାଇଁ ନିଷ୍ପତି କଲେ । ହଜରତ ଅବୁ ବକର ର ଅ କହିଲେ :ଅଲ୍ଲାଃଙ୍କ ରାଣ ! ମୁଁ ନିଶ୍ଚିତ ରୂପେ ଖାଲିଦ ବିନ ୱଲିଦଙ୍କ ଜରିଆରେ ରୋମାନମାନଙ୍କୁ ସେମାନଙ୍କର ସଇତାନୀ କାର୍ଯ୍ୟକଳାପକୁ ଭୁଲାଇଦେବି । ହଜରତ୍ ଖାଲିଦ ବିନ ୱଲିଦ ର ଅ ସେତେବେଳେ ଇରାକରେ ଥିଲେ । ଯେତେବେଳେ ହଜରତ ଅବୁ ବକର ର ଅ ହଜରତ୍ ଖାଲିଦ ବିନ ୱଲିଦ ର ଅଙ୍କୁ ସିରିଆ ଯିବା ପାଇଁ ଏବଂ ସେଠାରେ ଇସଲାମୀୟ ସେନାର ଇମାରତ (ନେତୃତ୍ୱ) ସମ୍ଭାଳିବା ପାଇଁ ଆଦେଶ ଦେଲେ,ହଜରତ ଅବୁ ଉବୈଦାଃ ର ଅ କୁ ଲେଖିଲେ : ଅମ୍ମା ବାଦ ! ମୁଁ ସିରିଆରେ ଶତ୍ରୁଙ୍କ ବିରୁଦ୍ଧରେ ଯୁଦ୍ଧର ନେତୃତ୍ୱ କରିବା ପାଇଁ ଖାଲିଦଙ୍କୁ ଦାୟିତ୍ୱ ଦେଉଛି । ତୁମେ ତାଙ୍କର ବିରୋଧ କରିବ ନାହିଁ । ତାଙ୍କ କଥା ଶୁଣିବ ଏବଂ ତାଙ୍କ ଆଦେଶ ଉପରେ ପରିଚାଳିତ ହେବ । ମୁଁ ତାଙ୍କୁ ତୁମ ଉପରେ ଏଇଥିପାଇଁ ନିଯୁକ୍ତ କରିନାହିଁ ଯେ ତୁମେ ମୋ ନିକଟରେ ତାଙ୍କଠାରୁ ଉତମ ନୁହନ୍ତି । ବରଂ ମୋ ମତରେ ତାଙ୍କର ଯେଉଁ ଯୁଦ୍ଧ କୌଶଳ ରହିଛି,ତାହା ତୁମଠାରେ ନାହିଁ । ଅଲ୍ଲାଃତାଲା ଆମ ଓ ତୁମ ପାଇଁ ମଙ୍ଗଳ କରନ୍ତୁ । ଆମିନ । ***(ଅଲଇକତିଫାଅ ବିମା ତଜମନାଃ ମିନ ମଗାଜି ରସୁଲୁଲ୍ଲାଃ ....ଖ-୦୨ ଭାଗ-୦୧ ପୃ-୧୪୮,ଆଲିମୁଲ କୁତୁବ ବେରୁତ ୧୯୯୭) (ତାରିଖୁଲ ଖମିସ ,ଖ-୦୩,ପୃ-୨୨୦)***

ହଜରତ ଖାଲିଦ ର ଅ ଇରାକରୁ ସିରିଆ ଯିବା ବିଷୟରେ ଉଲ୍ଲେଖ ରହିଛି ଯେ ଯେବେ ହଜରତ ଅବୁ ବକର ର ଅ ଙ୍କର ଚିଠି ହଜରତ ଖାଲିଦ ର ଅଙ୍କୁ ମିଳିଲା,ସେ ବିଷୟରେ ବିଭିନ୍ନ ରିୱାୟତ ମିଳିଥାଏ । ତାହା ଆଠଶହ ବା ଛଅ ଶହ ବା ପାଂଚ ଶହ ବା ଏକ ହଜାରରୁ ଅଧିକା ମଧ୍ୟ ରହିଛି । ଏପରିକି ନଅ ହଜାର ପର୍ଯ୍ୟନ୍ତ ମଧ୍ୟ ରହିଛି ଏବଂ ଛଅ ହଜାର ମଧ୍ୟ ରହିଛି। ହଜରତ ଖାଲିଦ ର ଅ ଇରାକରୁ ଏହି ସଂଖ୍ୟକ ସେନାକୁ ସାଥିରେ ଧରି ସିରିଆ ଆଡ଼କୁ ଚାଲିଲେ । କିଛି ରିୱାୟତରେ ଶହସ୍ରାଧିକ ସଂଖ୍ୟକ କଥା ବି ଆସିଛି । କିଛି ରିୱାୟତରେ ହଜାର ହଜାର । ସେ ଯାହା ବି ହେଉ ସେ ସିରିଆ ଆଡ଼କୁ ଚାଲିଗଲେ । ଯେବେ ହଜରତ ଖାଲିଦ ର ଅ କୁରାକିର ସ୍ଥାନରେ

ପହଂଚିଲେ,ସେ ସେଠିକାର ଲୋକାମାନଙ୍କ ଉପରେ ଆକ୍ରମଣ କରିଲେ । ପୁଣି ସେଠାରୁ ମରୁଭୂମି ପାର ହୋଇ ବହୁତ କଷ୍ଟଦାୟକ ଯାତ୍ରା କରିବା ପରେ ନିଜର କଳା ରଙ୍ଗର ପତାକା ଉତୋଳନ କରି ଦମସ୍କ ନିକଟରେ ଅବସ୍ଥିତ ସନିୟତୁଲ ଉକାବଠାରେ ପହଂଚିଲେ । ସେହି ଧ୍ୱଜା (ପତାକା) ସମ୍ବନ୍ଧରେ ଲେଖାଯାଇଛି ଯେ ତାହା ରସୁଲୁଲ୍ଲାଃ ସ ଆ ସ ଙ୍କର ଧ୍ୱଜା (ପତାକା) ଥିଲା । ତାହାର ନାମ ଉକାବ ଥିଲା। ସେହି ଧ୍ୱଜା (ପତାକା) ଯୋଗୁଁ ସେହି ଘାଟିର ନାମ ମଧ୍ୟ ସନିୟତୁଲ ଉକାବ ନାମରେ ଜଣାଶୁଣା । ***ଅଲକାମିଲ ଫିତ ତାରିଖ୍ ଖ-୦୨,ପୃ-୨୫୬-୨୫୮,ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୬)(ହଜରତ ଅବୁ ବକର ସିଦ୍ଦିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ...ପୃ-୩୫୦,ଇଲମୋ ଇରଫାନ ପବ୍ଲିଶରସ୍ ଲାହୋର ୨୦୦୪)***

ତାପରେ ଦମସ୍କର ପୂର୍ବ ଫାଟକଠାରୁ ଏକ ମାଇଲ ଦୂରତାରେ ହଜରତ ଖାଲିଦ ର ଅ ଗୋଟିଏ ସ୍ଥାନରେ ଅବସ୍ଥାନ କଲେ । କିଛି ରିଓ୍ୱାୟତରେ ଆସିଛି ଯେ ହଜରତ ଅବୁ ଉବୈଦାଃ ର ଅ ସେଠାରେ ତାଙ୍କ ସହିତ ଭେଟ କରିଥିଲେ । ସେହିପରି ବାସ୍ତବ ପକ୍ଷେ ଶତ୍ରୁମାନଙ୍କୁ ସେହି ଦିନ ହିଁ ଅବରୋଧ କରାଯିବାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଆଉ କେତେକ ରିଓ୍ୱାୟତରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ହଜରତ୍ ଖାଲିଦ ର ଅ ଦିମସ୍କ ସାମ୍ନାରେ ଅଧିକା ଦିନ ରହି ନଥିଲେ । ବରଂ ଆଗକୁ ବଢି କନାତ ବୁସରାରେ ଯାଇ ପହଂଚିଲେ । ଯେବେ ହଜରତ୍ ଖାଲିଦ ବିନ ଓ୍ୱଲିଦ ର ଅ ମୁସଲମାନମାନଙ୍କ ସହିତ ବୁସରାଠାରେ ପହଂଚିଲେ, ସେଠାରେ ସମସ୍ତ ସୈନ୍ୟବାହିନୀ ଏକାଠି ହୋଇଗଲା । ଏବଂ ସମସ୍ତେ ତାଙ୍କୁ ଏଠାରେ ଏହି ଯୁଦ୍ଧରେ ନିଜର ଅମୀର କରିଦେଲେ । ସେମାନେ ସେହି ସହରକୁ ଘେରିଗଲେ । କେତେକ କୁହନ୍ତି ଯେ ସେହି ଯୁଦ୍ଧର ନେତା ହଜରତ ୟଜିଦ ବିନ ଅବୁ ସୁଫିୟାନ ର ଅ ଥିଲେ । କାରଣ ତାହା ଦମସ୍କର ଅମଲଦାରିରେ ଥିଲା ଓ ସେ ତାହାର ଓ୍ୱାଲି ଥିଲେ । ସେଠିକାର ଅଧିବାସୀମାନେ ଏକଥାରେ ଶାନ୍ତି ଚୁକ୍ତି କରିନେଲେ ଯେ ସେମାନେ ମୁସଲମାନମାନଙ୍କୁ ଜିଜିଆ କର ଦେବେ ଏବଂ ମୁସଲମାନମାନେ ସେମାନଙ୍କର ଜୀବନ, ଧନ ଏବଂ ସେମାନଙ୍କର ସନ୍ତାନମାନଙ୍କର ସୁରକ୍ଷା କରିବେ । ***(ଫୁତୁହୁଲ ବୁଲଦାନ ଲିଲ ବଲାଜରୀ,ପୃ-୧୭୪,ମୁତରଜିମ ଅବୁଲ ଖୈର ମୌଦୁଦୀ ନଫିସ ଏକାଡ଼େମୀ ଲାହୋର ୧୯୮୬)(ହଜରତ ଅବୁ ବକର ସିଦ୍ଦିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ...ପୃ-୩୫୧,ଇଲମୋ ଇରଫାନ ପବ୍ଲିଶରସ୍ ଲାହୋର ୨୦୦୪)***

ପୁଣି ତାପରେ ଅଜନାଦିନ ବା ଅଜନାଦୈନ ନାମକ ଯୁଦ୍ଧ ବିଷୟରେ ଆସିଛି । ଏହପରି ଏହାର ଦୁଇପ୍ରକାରର ନାମ ଉଲ୍ଲେଖ ରହିଛି । ଏହି ସ୍ଥାନ ବିଷୟରେ ଆସିଛି ଯେ ତାହା ପାଲେଷ୍ଟାଇନର ଉପକଣ୍ଠରେ ଅବସ୍ଥିତ ଗୋଟିଏ ବସ୍ତିର ନାମ । (ମୁଅଜମୁଲ ବୁଲଦାନ, ଖ-୦୧,ପୃ-୧୨୯ଦାରୁଲ କୁତୁବୁଲ ଅଲମିୟା ବେରୁତ)

ବୁସରା ବିଜୟ ପରେ ହଜରତ ଖାଲିଦ ର ଅ, ହଜରତ ଅବୁ ଉବୈଦାଃ ର ଅ ,ହଜରତ ଶୁରୈହବିଲ୍ ର ଅ ଏବଂ ହଜରତ ୟଜିଦ ବିନ୍ ଅବୁ ସୁଫିୟାନ ର ଅଙ୍କୁ ସାଥିରେ ନେଇ ହଜରତ ଅମରୋ ବିନ ଆସ ର ଅଙ୍କୁ ସାହାଯ୍ୟ କରିବା ପାଇଁ ପାଲେଷ୍ଟାଇନ ଆଡ଼କୁ ବାହାରିଗଲେ । ହଜରତ ଅମରୋ ବିନ ଆସ ର ଅ ସେତେବେଳେ ପାଲେଷ୍ଟାଇନର ନିମ୍ନ ଭୂମିରେ ରହୁଥିଲେ । ସେ ଆସି ଇସଲାମୀୟ ସେନା ସହିତ ମିଶିବାକୁ ଚାହୁଁଥିଲେ । କିନ୍ତୁ ରୋମି ସେନା ତାଙ୍କ ପଛରେ ଅନୁଧାବନ କରୁଥିଲା ଏବଂ ଏ ଚେଷ୍ଟା କରୁଥିଲା ଯେ ତାଙ୍କୁ ଯୁଦ୍ଧ କରିବାକୁ ବାଧ୍ୟ କରିଦେବ । ଯେତେବେଳେ ରୋମୀୟମାନେ ମୁସଲମାନଙ୍କ ସେନାର ଆଗମନ ବିଷୟରେ ଜାଣିନେଲେ , ସେମାନେ ଅଜନାଦୀନ ଆଡ଼କୁ ଫେରିଗଲେ । ହଜରତ ଅମରୋ ବିନ ଆସ ର ଅ ଯେବେ ଇସଲାମୀ ସେନାଙ୍କ ବିଷୟରେ ଶୁଣିଲେ,ସେ ସେଠାରୁ ବାହାରି ଚାଲିଲେ । ଏପରିକି ଯାଇ ଇସଲାମୀ ସେନାଙ୍କ ସହିତ ମିଶି ଗଲେ । ପୁଣି ସମସ୍ତେ ଅଜନାଦୀନଠାରେ ଏକାଠି ହୋଇ ରୋମୀମାନଙ୍କ ସାମନାରେ ଧାଡ଼ି ବାନ୍ଧି ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲେ ।***(ତାରିଖେ ତିବରୀ ଖ-୦୨,ପୃ-୩୪୬-୩୪୭ ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୧୯୮୭) (ଅଲଖଲିଫତୁଲ ଅଓ୍ୱଲ ଅବୁ ବକର ଅଲସିଦ୍ଦିକ .....ପୃ-୩୧୨ ଦାରୁଲ ମାରଫାଃ)***

ଅନ୍ୟ ଏକ ରିଓ୍ୱାୟତ ଏହା ମଧ୍ୟ ରହିଛି,ତା ମୁତାବକ ଅଜନାଦୀନ ଯିବା ପୂର୍ବରୁ ହଜରତ୍ ଖାଲିଦ ବିନ ଓ୍ୱଲିଦ ର ଅ ବୁସରା ପରିବର୍ତେ ଦିମସ୍କକୁ ଘେରାଉଟ କରିଥିଲେ । ଏବଂ ହଜରତ ଅବୁ ଉବୈଦାଃ ର ଅ ମଧ୍ୟ ତାଙ୍କ ସାଥିରେ ଥିଲେ । ସେହି ଘେରାଉଟ ସମୟରେ ହିରକଲ୍ ଦମସ୍କର ଅଧିବାସୀମାନଙ୍କୁ ସାହାଯ୍ୟ କରିବା ପାଇଁ ଗୋଟିଏ ସୈନ୍ୟଦଳ ପଠାଇଥିଲା । ସେ ବିଷୟରେ ପରେ ଦମସ୍କ ବିଜୟ ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଯିବ । ***(ହଜରତ ଅବୁ ବକର ସିଦ୍ଦିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ...ପୃ-୩୭୯-୩୮୦,ବୁକ କର୍ଣ୍ଣର ଶୋ ରୁମ ଝେଲମ)***

ସେ ଯାହା ବି ହେଉ ଦମସ୍କ ଘେରାଉଟ ସମୟରେ ହଜରତ ଖାଲିଦ ର ଅ ଏବଂ ହଜରତ ଅବୁ ଉବୈଦାଃ ର ଅ ଏହା ଜାଣି ପାରିଲେ ଯେ ହିମସର ହାକିମ ଗୋଟିଏ ସୈନ୍ୟବାହିନୀ ପ୍ରସ୍ତୁତ କରି ଏକତ୍ରିତ କରିଛି । ଯଦ୍ଧାରା ସେ ବୁସରାରେ ଅବସ୍ଥିତ ହଜରତ ଶୁରୈହ ବିଲ ହସନାଃଙ୍କ ରାସ୍ତାକୁ ଆବରୋଧ କରିପାରିବ । ଏହି ଖବର ହଜରତ ଖାଲିଦ ର ଅ ଏବଂ ହଜରତ ଅବୁ ଉବୈଦାଃ ର ଅ ଙ୍କୁ ଚିନ୍ତାରେ ପକାଇଦେଇଥିଲା । କାରଣ ସେ ସେତେବେଳେ ଦମସ୍କବାସୀଙ୍କ ସହିତ ଯୁଦ୍ଧରେ ବ୍ୟସ୍ତ ଥିଲେ । ହଜରତ ଖାଲିଦ ର ଅ ଏବଂ ହଜରତ ଅବୁ ଉବୈଦାଃ ର ଅ ପରସ୍ପର ମର୍ଧରେ ପରାମର୍ଶ କଲେ । ହଜରତ ଅବୁ ଉବୈଦାଃ ର ଅ କହିଲେ ଯେ ମୋ ମତ ହେଉଛି ଏହା କି ଶତ୍ରୁମାନେ ତାଙ୍କ ନିକଟରେ ପହଂଚିବା ପୂର୍ବରୁ ଆମେ ହଜରତ ଶୁରୈହବିଲ ର ଅ ଙ୍କ ନିକଟରେ ଯାଇ ପହଂଚିବା ଉଚିତ । ହଜରତ୍ ଖାଲିଦ ର ଅ କହିଲେ ଯେ ଯଦି ଆମେ ହଜରତ ଶୁରୈହବିଲ ର ଅ ଙ୍କ ନିକଟରେ ଯାଇ ପହଂଚିବା ତାହେଲେ ଅଜନାଦୀନରେ ଥିବା ରୋମାନ ସେନା ଆମ ପଛେ ପଛେ ପିଛା କରିବ । ତେଣୁ ମୋର ମତ ହେଉଛି ଏହା କି ଅଜନାଦୀନରେ ଥିବା ସେହି ବୃହତ ସେନାକୁ ଲକ୍ଷ କରି କରିବା ଏବଂ ହଜରତ ଶୁରୈହବିଲ ର ଅ ଙ୍କ ନିକଟକୁ ବାର୍ତା ପଠାଇ ଦେବା ଏବଂ ତାଙ୍କୁ ଶତ୍ରୁ ପକ୍ଷର ଗତିବିଧି ବିଷୟରେ ଜଣାଇଦେବା । ଏବଂ ତାଙ୍କୁ କହିବା ଯେ ସେ ଅଜନାଦୀନରେ ଆମ ସହିତ ଆସି ଯୋଗ ଦିଅନ୍ତୁ । ଏହିପରି ଆମେ ହଜରତ ୟଜିଦ ବିନ ଅବୁ ସୁଫିୟାନ ର ଅ ଏବଂ ହଜରତ ଅମରୋ ବିନ ଆସ ର ଅ ଙ୍କୁ ମଧ୍ୟ ଖବର ପଠାଇଦେବା ଯେ ସେମାନେ ମଧ୍ୟ ଆମ ସହିତ ଆସି ଯୋଗ ଦିଅନ୍ତୁ । ତାପରେ ଆମେ ନିଜ ଶତୃଙ୍କ ବିରୁଦ୍ଧରେ ଯୁଦ୍ଧ କରିବା । ଏହା ଶୁଣି ହଜରତ ଅବୁ ଉବୈଦାଃ ର ଅ କହିଲେ ଯେ ଏହି ରାୟ ବହୁତ ସୁନ୍ଦର ରାୟ । ଅଲ୍ଲାଃ ଏଥିରେ ବରକତ (କଲ୍ୟାଣ ପ୍ରଦାନ)କରନ୍ତୁ । ଚାଲ ଏହି ରାୟ ଉପରେ ପଦକ୍ଷେପ ଗ୍ରହଣ କରିବା ।

ଆଉ ଏକ ରିଓ୍ୱାୟତରେ ଆସିଛି ଯେ ହଜରତ ଅବୁ ଉବୈଦାଃ ର ଅ ହଜରତ୍ ଖାଲିଦ ର ଅଙ୍କୁ ଏ ପରାମର୍ଶ ଦେଇଥିଲେ ଯେ ଆମର ସେନା ସିରିଆର ବିଭିନ୍ନ ସ୍ଥାନରେ ଖେଳେଇ ହୋଇ ରହିଛନ୍ତି । ତେଣୁ ସେ ସମସ୍ତଙ୍କୁ ଚିଠି ଲେଖାଯାଉ ଯେ ସେମାନେ ସମସ୍ତେ ଆସି ଅଜନାଦୀନଠାରେ ଆମ ସହିତ ମିଶନ୍ତୁ । ଅତେବ ଯେବେ ହଜରତ ଖାଲିଦ ର ଅ ଦମସ୍କରୁ ଅଜନାଦୀନ ଆଡ଼କୁ ଯିବା ପାଇଁ ମନସ୍ଥ କଲେ,ସେତେବେଳେ ସମସ୍ତ ଅମୀରମାନଙ୍କୁ ଚିଠି ଲେଖି ଅଜନାଦିନଠାରେ ଏକତ୍ର ହେବା ପାଇଁ ଆଦେଶ ଦେଲେ । ହଜରତ ଖାଲିଦ ର ଅ ଏବଂ ହଜରତ ଅବୁ ଉବୈଦାଃ ର ଅ ମଧ୍ୟ ଲୋକମାନଙ୍କୁ ସହିତ ଦମସ୍କର ଘେରାଉଟକୁ ଛାଡ଼ି ଅଜନାଦୀନ ଆଡ଼କୁ ଶୀଘ୍ର ଶୀଘ୍ର ତିବ୍ର ଗତିରେ ଚାଲିଲେ । ହଜରତ ଅବୁ ଉବୈଦାଃ ର ଅ ସେନାର ପଛ ଭାଗରେ ରହିଲେ । ଦମସ୍କର ଲୋକମାନେ ହଜରତ ହଜରତ ଅବୁ ଉବୈଦାଃ ର ଅଙ୍କ ନିକଟରେ ଯାଇ ପହଂଚିଗଲେ ଏବଂ ତାଙ୍କୁ ଘେରିଗଲେ । ହଜରତ ଅବୁ ଉବୈଦାଃ ର ଅ ଦୁଇଶହ ସେନାକୁ ସାଥିରେ ଧରି ଯାଉଥିଲେ । ବାସ୍ତବିକ ସେଥିରେ ମହିଳା,ପିଲା ଏବଂ ଧନ ସମ୍ପତି ଇତ୍ୟାଦି ଜିନିଷ ସବୁ ଥିଲା । ଆଉ ଏକ ରିଓ୍ୱାୟତରେ ଆସିଛି ଯେ ସେହି କାଫିଲାର ତଦାରଖ ଏବଂ ସୁରକ୍ଷା ନିମନ୍ତେ ଏକ ହଜାର ଆରୋହୀ ମଧ୍ୟ ସେଠାରେ ଉପସ୍ଥିତ ଥିଲା । ଯେବେକି ସେହି ସ୍ଥଳେ ଦମସ୍କର ଲୋକମାନଙ୍କର ସଂଖ୍ୟା ବହୁତ ଥିଲା । ସେ ଯାହା ବି ହେଉ ହଜରତ ଅବୁ ଉବୈଦାଃ ର ଅ ସେମାନଙ୍କ ସହିତ ଭିଷଣ ଯୁଦ୍ଧ କଲେ । ଯେତେବେଳେ ଏହି ଖବର ହଜରତ ଖାଲିଦ ର ଅଙ୍କୁ ମିଳିଲା । ସେ ସେତେବେଳେ ଆରୋହୀମାନଙ୍କ ସହିତ ସେନାର ଆଗ ଭାଗରେ ଯାଉଥିଲେ । ସେ ସେହି ଆଗ ଭାଗରୁ ଫେରିଲେ । ତାଙ୍କ ସହିତ ଅନ୍ୟ ଲୋକମାନେ ବି ସାମିଲଥିଲେ । ପୁଣି ସେହି ଅଶ୍ୱାରୋହୀମାନେ ରୋମାନ ମାନଙ୍କ ଉପରେ ଆକ୍ରମଣ କରିଦେଲେ । ସେମାନଙ୍କୁ ଜଣକ ପରେ ଜଣକୁ ମାରି ତଳେ ପକାଇ ତିନି ମାଇଲ ପର୍ଯ୍ୟନ୍ତ ଠେଲି ନେଇଗଲେ । ଏପରିକି ସେମାନେ ପୁନର୍ବାର ଦମସ୍କରେ ପ୍ରବେଶ କରିଗଲେ । ଅପରପକ୍ଷେ ଅଜନାଦୀନରେ ଥିବା ରୋମାନ ସେନା ନିଜର ଦ୍ୱିତୀୟ ସେନା ନିକଟକୁ ଚିଠି ଲେଖି ପଠାଇଲା ଏବଂ ତାଙ୍କୁ ମଧ୍ୟ ଅଜନାଦୀନ ଆସିବା ପାଇଁ ଆଦେଶ ଦେଲେ । ରୋମୀୟମାନଙ୍କର ଏହି ସେନା ହଜରତ୍ ଶୁରୈହବିଲ ର ଅ ଙ୍କ ଉପରେ ଆକ୍ରମଣ କରିବା ପାଇଁ ବୁସରା ଆଡ଼କୁ ଯାଉଥିଲା । ଅତେବ ସେହି ସେନା ମଧ୍ୟ ଅଜନାଦୀନ ଚାଲି ଆସିଲା । ଏହିପରି ଭାବରେ ହଜରତ୍ ଖାଲିଦ୍ ର ଅ ଙ୍କ ଆଦେଶ ମୁତାବକ ସମସ୍ତ ଇସଲାମୀୟ ସେନା ଅଜନାଦୀନଠାରେ ଏକତ୍ରିତ ହୋଇଗଲେ । ***(ତାରିଖୁଲ ଖମିସ ,ଖ-୦୩,ପୃ-୨୨୮-୨୩୦,ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୯)(ମରଦାନ ଅରବ, ପୃ-୨୧୪,୨୧୬)***

ରୋମୀୟ ସେନାପତି ମୁସଲମାନମାନଙ୍କୁ କିଛି ଧନ ସମ୍ପତି ଦେଇ ସେଠାରୁ ଲେଉଟାଇ ଦେବାକୁ ଚାହିଁଲେ କିନ୍ତୁ ଇରାନୀମାନଙ୍କ ପରି ତାର ମଧ୍ୟ ଏହି ଭାବନା ଥିଲା ଯେ ଏହି ମୁସଲମାନମାନେ ହେଉଛନ୍ତି ଭୋକିଲା ଏବଂ ଲଙ୍ଗଳା ଲୋକେ । ନିଜ ଗରିବ ଦେଶରୁ ଲୁଟତରାଜ କରିବା ପାଇଁ ବାହାରିଛନ୍ତି । ସେ ଶତାବ୍ଦୀ ଶତାବ୍ଦୀ ଧରି ଅବହେଳିତ ଜାହିଲ ଗରିବ ଏବଂ ନିର୍ବୋଧ ଦରିଦ୍ର ଆରବମାନଙ୍କଠାରୁ କୌଣସି ପ୍ରକାରର ଉଚ୍ଚ ଉଦ୍ଦେଶ୍ୟର କଳ୍ପନା କରିପାରୁ ନଥିଲା । ଅତେବ ହଜରତ ଖାଲିଦ୍ ର ଅ ଙ୍କୁ ସେମାନେ ଗୋଟିଏ ଅଫର ଦେଲେ ଯେ ଯଦି ସେ ଏବଂ ତାଙ୍କ ସେନା ସେଠାରୁ ଲେଉଟି ଯାଆନ୍ତି ,ତାହେଲେ ସେମାନେ ପ୍ରତ୍ୟେକ ସିପାହୀଙ୍କୁ ଗୋଟିଏ ଗୋଟିଏ ପଗଡ଼ି,ଗୋଟିଏ ହଳ ଲେଖା ପୋଷାକ କପଡ଼ା ଏବଂ ଗୋଟିଏ ଗୋଟିଏ ସୁନା ଦିନାର ଦେବେ । ସେହିପରି ସେନାପତିକୁ ଦଶ ହଳ କପଡ଼ା,ଏକ ଶହ ସୁନା ଦିନାର ଏବଂ ଖଲିଫାଙ୍କୁ ଏକ ଶହ ହଳ ପୋଷାକ କପଡ଼ା ଏବଂ ଏକ ହଜାର ସୁନା ଦିନାର ଦେବେ । ଏହିପରି ସେ କହିଲା ଯେ ଏମାନେ ହେଉଛନ୍ତି ଡ଼ାକୁ । ତେଣୁ ଏମାନଙ୍କୁ କିଛି ଦେଇ ବିଦା କରିଦିଅ । ଯେବେ ହଜରତ ଖଲିଦ ଏକଥା ଶୁଣିଲେ,ଏହି ପ୍ରସ୍ତାବକୁ ବହୁତ ଅସମ୍ମାନ କରି ପ୍ରତ୍ୟାଖ୍ୟାନ କରିଦେଲେ ଏବଂ ଅତ୍ୟନ୍ତ କଠୋର ଭାଷାରେ କହିଲେ ଯେ ହେ ରୋମୀୟମାନେ ! ଆମେ ତୁମର ଦାନକୁ ଅବମାନନା କରି ପ୍ରତ୍ୟାଖ୍ୟାନ କରୁଅଛୁ । କାରଣ ବହୁତ ଶୀଘ୍ର ଆମେ ତୁମର ଧନ ସମ୍ପତି,ତୁମର ପରିବାର ଏବଂ ଜାତିର ମାଲିକ ହେବାକୁ ଯାଉଅଛୁ । ***(ଅଶରା ମୁବଶରାଃ ଅଜ ବଶିର ସାଜିଦ, ପୃ-୧୫୬-୧୫୭,ଅଲବଦର ପବ୍ଲିଶର୍ସ ଲାହୋର)***

ଯେବେ ଉଭୟ ପକ୍ଷର ସେନା ମୁହାଁ ମୁହିଁ ହେଲେ,ସେତେବେଳେ ଜଣେ ରୋମୀୟ

ସରଦାର ଜଣେ ଆରବୀ ଲୋକକୁ ଡ଼ାକି କହିଲା ଯେ ତୁମେ ମୁସଲମାନମାନଙ୍କ ମଧ୍ୟରେ ସାମିଲ ହୋଇଯାଅ ଏବଂ ସେମାନଙ୍କ ମଧ୍ୟରେ ଯାଇ ଗୋଟିଏ ଦିନ ଏବଂ ଗୋଟିଏ ରାତି ବିତାଅ । ତାପରେ ମୋ ନିକଟକୁ ସେମାନଙ୍କର ଖବର ଆଣି ଜଣାଅ । ସେହି ଆରବୀୟ ଜଣକ ମୁସଲମଲାନ ନଥିଲା। ଅତେବ ସେହି ଲୋକଟି ଭିଡ଼ ଭିତରେ ପଶିଗଲା । ଜଣେ ଆରବୀୟ ହୋଇଥିବାରୁ କୌଣସି ଲୋକ ତାକୁ ଅପରିଚିତ ମନେ କଲେ ନାହିଁ । ସେ ମୁସଲମାନମାନଙ୍କ ମଧ୍ୟରେ ଗୋଟିଏ ଦିନ ଏବଂ ଗୋଟିଏ ରାତି ବିତାଇଲା । ପୁଣି ଯେବେ ସେ ସେହି ରୋମୀ ସର୍ଦ୍ଦାର ନିକଟକୁ ଫେରିଲା,ସେ ପଚାରିଲା : କ'ଣ ଖବର ଆଣିଛ ? ସେ ତାକୁ କହିଲା ଯଦି ଖବର ଶୁଣିବାକୁ ଚାହୁଁଅଛ,ତହେଲେ ଖବର ଶୁଣନ୍ତୁ ଯେ ରାତି ସମୟରେ ଏମାନେ (ଅର୍ଥାତ ମୁସଲମାନମାନେ) ଅଲ୍ଲାଃଙ୍କ ଉପାସନା କରୁଛନ୍ତି ଏବଂ ଦିନ ବେଳେ ଘୋଡ଼ା ଉପରେ ବସି ଆରୋହଣ କରୁଛନ୍ତି । ନିଜ ମଧ୍ୟରେ ନ୍ୟାୟ ବଜାୟ ରଖିବା ପାଇଁ ଯଦି ସେମାନଙ୍କ ସମ୍ରାଟଙ୍କ ପୁଅ ମଧ୍ୟ ଚୋରି କରେ,ତାହେଲେ ତାର ହାତକୁ କାଟି ଦେଉଛନ୍ତି । ସେହିପରି ଜଣେ ଯଦି ବ୍ୟଭିଚାର କରେ,ତାହେଲେ ତାକୁ ସଙ୍ଗସାର କରିଦେଉଛନ୍ତି । ରୋମୀ ସର୍ଦ୍ଦାର ତାକୁ କହିଲା ଯେ ଯଦି ତୁମେ ମତେ ସତ କହୁଛ,ତାହେଲେ ଏହି ଭୂପୃଷ୍ଠରେ ସେମାନଙ୍କ ସହିତ ଯୁଦ୍ଧ କରିବା ଅପେକ୍ଷା ଭୂଗର୍ଭକୁ ଚାଲିଯିବା ଉଚିତ । ମୁଁ ଚାହୁଁଛି ଯେ ଅଲ୍ଲାଃ ମୋ ଉପରେ କେବଳ ଏତିକିମାତ୍ର ଦୟା କରନ୍ତୁ ଯେ ମତେ ଏବଂ ତାଙ୍କୁ ନିଜ ନିଜର ଅବସ୍ଥାରେ ଛାଡ଼ି ଦିଅନ୍ତୁ । ନା ତୁମେ ତାଙ୍କ ବିରୁଦ୍ଧରେ ମତେ ସାହାଯ୍ୟ କର ନା ମୋ ବିରୁଦ୍ଧରେ ତାଙ୍କୁ ସାହାଯ୍ୟ କର । ***(ତାରିଖେ ତବରୀ ଖ-୦୨,ପୃ-୩୪୭ ଦାରୁଲ କୁତୁବୁଲ ଅଲମିୟା ବେରୁତ୨୦୧୨)***

ସେ ଯାହା ବି ହେଉ ସକାଳେ ଯେତେବେଳେ ଲୋକମାନେ ପରସ୍ପରର ନିକଟତର ହେଲେ,ହଜରତ ଖାଲିଦ ର ଅ ବାହାରକୁ ଆସି ସେନାକୁ ସଜାଡ଼ିଲେ ଏବଂ ସଂଗଠିତ କଲେ । ହଜରତ ଖାଲିଦ ର ଅ ଲୋକମାନଙ୍କ ମଧ୍ୟରେ ସେମାନଙ୍କୁ ଯୁଦ୍ଧ କରିବା ପାଇଁ ଉତ୍ସାହିତ କରିଚାଲିଲେ । ଗୋଟିଏ ସ୍ଥାନରେ ରହୁନଥିଲେ । ହଜରତ ଖାଲିଦ ର ଅ ମୁସଲମାନ ମହିଳାମାନଙ୍କୁ ଆଦେଶ ଦେଲେ ଯେ ସେମାନେ ଦୃଢତାର ସହିତ ଲୋକମାନଙ୍କ ପଛପଟେ ଛିଡ଼ା ହୁଅନ୍ତୁ। ଅଲ୍ଲାଃଙ୍କୁ ସ୍ମରଣ କରନ୍ତୁ ଏବଂ ତାହାଙ୍କ ନିକଟରେ କ୍ରନ୍ଦନ କରନ୍ତୁ । ଯଦି କେବେ ମୁସଲମାନମାନଙ୍କ ମଧ୍ୟରୁ କୌଣସି ଲୋକ ତାଙ୍କ ନିକଟ ଦେଇ ଯାଆନ୍ତି,ସେମାନେ ନିଜ ପିଲାଙ୍କୁ ତାଙ୍କ ନିକଟକୁ ଟେକି ଦେଇ କୁହନ୍ତୁ ଯେ ନିଜ ସନ୍ତାନ ଏବଂ ନିଜ ମହିଳାମାନଙ୍କୁ ବଂଚାଇବା ନିମନ୍ତେ ଯୁଦ୍ଧ କର । ହଜରତ ଖାଲିଦ ର ଅ ପ୍ରତ୍ୟେକ ଟ୍ରୁପ୍ସ ନିକଟରେ ରହୁଥାନ୍ତି ଏବଂ ସେମାନଙ୍କୁ କହୁଥାନ୍ତି : ହେ ଅଲ୍ଲାଃଙ୍କ ଭକ୍ତଗଣ ! ଅଲ୍ଲାଃଙ୍କ ତକୱା (ଭୟ) ଗ୍ରହଣ କର । ଅଲ୍ଲାଃଙ୍କ ମାର୍ଗରେ ସେମାନଙ୍କ ସହିତ ଯୁଦ୍ଧ କର,ଯେଉଁମାନେ ଅଲ୍ଲାଃଙ୍କୁ ଅସ୍ୱୀକାର କରିଛନ୍ତି । ନିଜ ଗୋଇଠିରେ ଫେରିଯାଅନାହିଁ । ତୁମେ ନିଜ ଶତ୍ରୁଙ୍କୁ ଭୟ କରନାହିଁ । ବରଂ ସିଂହ ପରି ଆଗକୁ ମାଡ଼ିଚାଲ। ଏପରିକି ତୁମଠାରୁ ଭୟ ଚାଲିଯାଉ । ତୁମେମାନେ ହେଉଛ ମୁକ୍ତ ଏବଂ ସମ୍ମାନିତ ଲୋକେ । ତୁମକୁ ଏ ସଂସାର ବି ମିଳିଛି । ସେହିପରି ଅଲ୍ଲାଃ ତାଲା ତୁମମାନଙ୍କ ପାଇଁ ପରକାଳର ପ୍ରତିବଦଳ ଦେବା ନିମନ୍ତେ ପୁରସ୍କାରକୁ ବାଧ୍ୟତା ମୂଳକ କରିଦେଇଛି । ତୁମେମାନେ ଏହି ଯେଉଁ ଶତ୍ରୁମାନଙ୍କର ବହୁଳତାକୁ ଦେଖୁଅଛ,ତାହା ତୁମକୁ ଭୟଭୀତ ନକରୁ । ନିଶ୍ଚିତ ରୂପେ ଅଲ୍ଲାଃ ସେମାନଙ୍କ ଉପରେ ଦଣ୍ଡ ଅବତୀର୍ଣ୍ଣ କରିବେ । ହଜରତ୍ ଖାଲିଦ ର ଅ ଲୋକମାନଙ୍କୁ କହିଲେ ଯେ ଯେବେ ମୁଁ ଆକ୍ରମଣ କରିବି ତୁମେମାନେ ମଧ୍ୟ ଆକ୍ରମଣ କରିଦେବ । ***(ତାରିଖୁଲ ଖମିସ ଖ-୦୩,ପୃ-୨୩୦-୨୩୧ ଦାରୁଲ କୁତୁବୁଲ ଅଲମିୟା ବେରୁତ୨୦୦୯)***

ତାପରେ ଦୁଇ ସେନା ମଧ୍ୟରେ ଭିଷଣ ଯୁଦ୍ଧ ହେଲା । ହଜରତ ସଇଦ ବିନ ଜୈଦ୍ ର ଅ ମୁସଲମାନମାନଙ୍କୁ ଏପରି ଉପଦେଶ ଦେଇ ଉତ୍ସାହିତ କଲେ ଯେ ହେ ଲୋକମାନେ ! ଅଲ୍ଲାଃଙ୍କ ସମ୍ମୁଖରେ ନିଜ ମୃତ୍ୟୁକୁ ମନେ ପକାଅ ଏବଂ ଯୁଦ୍ଧରୁ ପଳାୟନ କରି ନର୍କରେ ପଡ଼ିବା ଯୋଗ୍ୟ ହୁଅନାହିଁ । ହେ ଧର୍ମର ସୁରକ୍ଷାକାରୀ ଲୋକେ ! ହେ ପବିତ୍ର କୁରଆନର ଆବୃତି କରୁଥିବା ଲୋକେ ! ଧୈର୍ଯ୍ୟବାନ ହୁଅ । ଯେବେ ଯୁଦ୍ଧ ହେଲା ଏବଂ ଭିଷଣ ଯୁଦ୍ଧ ହେଲା,ରୋମୀମାନେ ପଳାୟନ କରି ନିଜର ଜୀବନ ବଂଚାଇଲେ । ସେମାନେ ଯେତେବେଳେ ନିଜ ସ୍ଥାନରେ ପହଂଚିଗଲେ,ୱରଦାନ ସେମାନଙ୍କ ସମ୍ମୁଖରେ ଭାଷଣ ଦେଲା ଏବଂ କହିଲା ଯେ ଯଦି ଏହିପରି ଅବସ୍ଥା ରହେ ତାହେଲେ ଏହି ଦେଶ ଏବଂ ଦେଶର ଧନ ସମ୍ପତି ତୁମ ହାତରୁ ଚାଲିଯିବ । ତୁମ ପାଇଁ ଏହା ଭଲ ହେବ ଯେ ତୁମେ ନିଜ ହୃଦୟରୁ କଳଙ୍କକୁ ଧୋଇ ଦିଅ । ଆମ ହୃଦୟରେ ଏ ଭାବନା କେବେ ବି ସୃଷ୍ଟି ହୋଇନଥିଲା ଯେ ଏହି ମେଷପାଳକ ଏବଂ ଆରବର ଏହି ଭୋକିଲା ତଥା ଲଙ୍ଗଳା ଗୁଲାମ ମାନେ ଆମ ସହିତ ଲଢିବେ । ଦୁର୍ଭିକ୍ଷ ଏବଂ ମରୁଡ଼ି ଏମାନଙ୍କୁ ଆମ ଆଡ଼କୁ ଟାଣି ନେଇଆସିଛି । ଏବେ ସେମାନେ ଏଠାରେ ଆସି ଫଳ ଖାଇଲେ,ବାଦାମ ଖାଇଲେ, ବାର୍ଲି ବଦଳରେ ଗହମ ରୁଟି ଖାଇଲେ । ସିର୍କା ସ୍ଥାନରେ ମହୁ ଖାଇଲେ । ଇଞ୍ଜିର (ଡ଼ିମ୍ବିରି),ଅଙ୍ଗୁର ଏବଂ ଭଲ ଭଲ ଜିନିଷକୁ ଉପଭୋଗ କଲେ । ତାପରେ ସେ କିଛି ସର୍ଦ୍ଦାରମାନଙ୍କଠାରୁ ମତାମତ ଲୋଡ଼ିଲା । ଜଣେ ସର୍ଦ୍ଦାର ତାକୁ ଏ ପରାମର୍ଶ ଦେଲା ଯେ ଯଦି ମୁସଲଲମାନମାନଙ୍କୁ ପରାସ୍ତ କରିବାକୁ ଚାହୁଁଛ ତାହେଲେ ସେମାନଙ୍କ ଅମୀରଙ୍କୁ କୌଣସି ପ୍ରକାରର ବାହାନା ଆଳରେ ବା ଧୋକା ଦେଇ ଡ଼ାକିଆଣି ହତ୍ୟା କରିଦିଅ । ଏହା ଫଳରେ ବାକି ସମସ୍ତ ଲୋକେ ପଳାଇଯିବେ । ତୁମେ ପ୍ରଥମେ ଆମ କୌମର ଦଶ ଜଣ ସିପାହିଙ୍କୁ ସେଠାରେ ଯାଇ ଆକ୍ରମଣ କରିବା ଉଦ୍ଦେଶ୍ୟରେ ବସି ରହନ୍ତୁ । ତାପରେ ମୁସଲମାନମାନଙ୍କ ଅମୀରଙ୍କୁ ଏକୁଟିଆ ଦେଖି,ତାଙ୍କ ସହିତ କଥାବାର୍ତ୍ତା କରିବା ଆଳରେ ଡ଼ାକନ୍ତୁ । ଯେବେ ସେ କଥାବାର୍ତ୍ତା କରିବା ପାଇଁ ଆସନ୍ତି,ସେତେବେଳେ ତାଙ୍କ ଉପରକୁ ସିପାହିମାନେ ଆକ୍ରମଣ କରି ତାଙ୍କୁ ହତ୍ୟା କରିଦିଅନ୍ତୁ ।

ଅତେବ ରୋମୀୟମାନଙ୍କ ଅମୀର ଏହିପରି ଜଣେ ଉଚ୍ଚ ସାହିତ୍ୟିକ ବ୍ୟକ୍ତି ବିଶେଷକୁ ହଜରତ ଖାଲିଦ ର ଅଙ୍କ ନିକଟକୁ ପଠାଇଲା। ସେହି ଖବରବହନକାରୀ ଦୂତ ଜଣକ ଯେବେ ମୁସଲମାନମାନଙ୍କ ନିକଟରେ ପହଂଚିଲା, ବହୁତ ଜୋରରେ ଡ଼ାକ ଛାଡ଼ି କହିଲା ଯେ ହେ ଆରବୀୟ ମାନେ ! କ'ଣ ଏହି ରକ୍ତପାତ ଏବଂ ହତ୍ୟାକାଣ୍ଡ ପାଇଁ କୌଣସି ସମାଧାନର ରାସ୍ତା ବାହାର କରିବା ନାହିଁ ? ଆମେ ସୁଲାହା (ଶାନ୍ତି ଚୁକ୍ତି) କରିବା ପାଇଁ ଗୋଟିଏ ପ୍ରସ୍ତାବ ବିଷୟରେ ଚିନ୍ତା କରିଛୁ । ତେଣୁ ତୁମମାନଙ୍କର ମୁଖିଆ ମୋ ସହିତ କଥାବାର୍ତ୍ତା କରିବା ପାଇଁ ଆଗକୁ ଆସନ୍ତୁ । ହଜରତ ଖାଲିଦ ର ଅ ଆଗକୁ ଆସିଲେ ଏବଂ ତାଙ୍କୁ କହିଲେ ଯେ ତୁମେ ଯେଉଁ ବାର୍ତ୍ତା ଆଣିଛ ତାକୁ ଉପସ୍ଥାପନ କର । କିନ୍ତୁ ସତ୍ୟକୁ ଦୃଷ୍ଟିରେ ରଖିବ । ସେ କହିଲା ଯେ ମୁଁ ଏ ଉଦ୍ଦେଶ୍ୟରେ ଏଠାରେ ଉପସ୍ଥିତ ହୋଇଛି ଯେ ଆମର ଅମୀର ରକ୍ତପାତକୁ ପସନ୍ଦ କରନ୍ତି ନାହିଁ । ଏପର୍ଯ୍ୟନ୍ତ ଯେତେ ସବୁ ଲୋକେ ମରିଛନ୍ତି,ସେଥିପାଇଁ ସେ ଦୁଃଖିତ । ତେଣୁ ତାଙ୍କର ମତ ହେଉଛି ଏହା କି ସେ ତୁମମାନଙ୍କୁ କିଛି ଧନ ଦେଇ ଗୋଟିଏ ଚୁକ୍ତି କରିବେ । ଫଳତଃ ଏହି ଯୁଦ୍ଧ ବନ୍ଦ ହୋଇଯିବ । କଥନପୋଥନ ଚାଲିଥିବା ବେଳେ ସେହି ଦୂତଙ୍କ ମନରେ ଅଲ୍ଲାଃତାଲା ଏମିତି ଭୟ ସଂଚାର କଲେ ଯେ ସେ ହଜରତ ଖାଲିଦଙ୍କୁ ନିଜ ପରିବାର ବର୍ଗଙ୍କୁ ସୁରକ୍ଷା ମିଳିବା ପ୍ରତି ବଦଳରେ ନିଜ ସର୍ଦ୍ଦାରର ସମସ୍ତ ଯୋଜନା ବିଷୟରେ ସବୁକିଛି ବତାଇଦେଲା । ସମସ୍ତ ଯୋଜନା,ଯାହା କିଛି ସେ ଜାଣିଥିଲା,ଅର୍ଥାତ କିପରି ଲୁଚି ହଜରତ ଖାଲିଦଙ୍କୁ ହତ୍ୟା କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଥିଲ, ସେ ବିଷୟରେ ସବୁକିଛି ବୟାନ ଦେଇଦେଲା। ହଜରତ ଖାଲିଦ ର ଅ କହିଲେ ଯେ ଯଦି ତୁମେ ଆମ ସହିତ ବିଶ୍ୱାସଘାତକତା କରିନାହ, ତାହେଲେ ମୁଁ ତୁମକୁ ଏବଂ ତୁମ ପରିବାର ବର୍ଗକୁ ଶରଣ ଦେଉଅଛି । ତାପରେ ସେ ସେଠାରୁ ଫେରି ଚାଲିଗଲା ଏବଂ ନିଜ ସର୍ଦ୍ଦାରକୁ ଯାଇ ବତାଇଲା ଯେ ହଜରତ୍ ଖାଲିଦ ର ଅ ତାଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ରାଜି ଅଛନ୍ତି । ଏହା ଶୁଣି ସର୍ଦ୍ଦାର ବହୁତ ଖୁସି ହେଲା । ଯେଉଁ ସ୍ଥାନଟି କଥାବାର୍ତ୍ତା କରିବା ପାଇଁ ନିର୍ଦ୍ଧାରଣ କରାଯାଇଥିଲା,ସେ ସେଠାରେ ନିଜର ଦଶଜଣ ସିପାହୀଙ୍କୁ ଗୋଟିଏ ଛୋଟ ମୁଣ୍ଡିଆ ପଛପଟେ ଲୁଚାଇ ରଖିଦେଲା,ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦେଲା ଯେ ସେମାନେ ଅଚାନକ ଆକ୍ରମଣ କରିଦେବେ । ହଜରତ୍ ଖାଲିଦ ର ଅ ତାର ସେହି ଯୋଜନାକୁ ତ ସେହି ଦୂତଙ୍କଠାରୁ ପୂର୍ବରୁ ଜାଣିପାରିଥିଲେ । ତେଣୁ ହଜରତ୍ ଖାଲିଦ ର ଅ ଜରାର ସମେତ ଦଶ ଜଣ ମୁସଲମାନମାନଙ୍କୁ ସେହି ସ୍ଥାନ ଆଡ଼କୁ ପଠାଇଲେ,ଯେଉଁ ସ୍ଥାନରେ ଶତ୍ରୁ ଆକ୍ରମଣ କରିବା ପାଇଁ ଲୁଚି ବସିଥିଲେ । ମୁସଲମାନମାନେ ସେହି ସ୍ଥାନରେ ପହଂଚି ରୋମାନ ସିପାହୀଙ୍କୁ ଧରିନେଲେ ଏବଂ ସମସ୍ତଙ୍କୁ ହତ୍ୟା କରିଦେଇ ନିଜେ ସେହି ସ୍ଥାନରେ ବସିପଡ଼ିଲେ । ହଜରତ ଖାଲିଦ ର ଅ ରୋମୀୟମାନଙ୍କ ଅମୀରଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଚାଲିଗଲେ । ଦୁଇ ପକ୍ଷର ସେନା ପରସ୍ପର ବିପକ୍ଷରେ ପ୍ରସ୍ତୁତ ହୋଇ ଛିଡ଼ା ହୋଇଥିଲେ । ରୋମୀୟମାନଙ୍କ ଅମୀର ମଧ୍ୟ ସେଠାରେ ପହଂଚିଗଲା । ହଜରତ ଖାଲିଦ ର ଅ ତା ସହିତ ବାର୍ତ୍ତାଳାପ କରି କହିଲେ: ଯଦି ତୁମେ ଇସଲାମ ଗ୍ରହଣ କରିନିଅ ତାହେଲେ ତୁମେ ଆମର ଭାଇ ହୋଇଯିବ । ନଚେତ ଜିଜିଆ ଦିଅ ବା ଯୁଦ୍ଧ କରିବାକୁ ପ୍ରସ୍ତୁତ ରୁହ । ରୋମୀମାନଙ୍କ ଅମୀରକୁ ସେହି ଆକ୍ରମଣ କରିବାକୁ ଯାଇଥିବା ସିପାହୀମାନଙ୍କ ଉପରେ ଭରଷା ଥିଲା । ତେଣୁ ସେ ତୁରନ୍ତ ହଜରତ ଖାଲିଦ ର ଅଙ୍କ ଉପରକୁ ତରବାରୀ ଦ୍ୱାରା ଆକ୍ରମଣ କରିଦେଲା ଏବଂ ହଜରତ ଖାଲିଦ ର ଅଙ୍କର ଦୁଇ ହାତକୁ ଧରିନେଲା । ହଜରତ ଖାଲିଦ ର ଅ ମଧ୍ୟ ତା ଉପରକୁ ଆକ୍ରମଣ କଲେ । ରୋମୀମାନଙ୍କ ଅମୀର ନିଜ ଲୋକମାନଙ୍କୁ ପାଟି କରି ଡ଼ାକିଲା ଯେ ଶୀଘ୍ର ଚାଲିଆସ ମୁଁ ମୁସଲମାନମାନଙ୍କ ଅମୀରଙ୍କୁ ଧରିନେଇଛି । ସେହି ମୁଣ୍ଡିଆ ପଛପଟେ ଲୁଚି ରହିଥିବା ସାହାବାମାନେ ଯେବେ ଏହି ପାଟି ଶୁଣିଲେ,ନିଜ ନିଜର ତରବାରୀ ଉତୋଳନ କରି ତା ଉପରକୁ କୁଦ ମାରିଲେ । ୱରଦାନ ପ୍ରଥମେ ତ ଏହା ଭାବିଲା ଯେ ଏମାନେ ମୋ ଲୋକ କିନ୍ତୁ ଯେବେ ହଜରତ ଜରାର ର ଅ ଙ୍କ ଉପରେ ତାର ନଜର ପଡ଼ିଲା,ସେ ଚେତାଶୂନ୍ୟ ହୋଇ ଖସିପଡ଼ିଲା । ତାପରେ ହଜରତ ଜରାର ର ଅ ଏବଂ ଅନ୍ୟ ସିପାହିମାନେ ମିଶି ତାକୁ ଶେଷ କରିଦେଲେ । ଯେବେ ରୋମୀମାନଙ୍କୁ ନିଜ ଅମୀରଙ୍କ ବଧ ବିଷୟରେ ଜଣାପଡ଼ିଲା ସେମାନଙ୍କର ମନୋବଳ ଭାଙ୍ଗିଗଲା । ***(ଫୁତୁହାତେ ଶାମ ଅଜ ମୌଲାନା ଫଜଲ ମୁହମ୍ମଦ ୟୁସୁଫ ଜଇ, ପୃ-୯୭-୧୦୪ ,ମକତବାଃ ଇମାନ ୱ ୟକୀନ ୨୦୧୧)***

ତାପରେ ଲୋକମାନେ ଜଣେ ଅନ୍ୟ ଜଣଙ୍କ ଉପରେ ଆକ୍ରମଣ କରି ମାରାମାରି ଆରମ୍ଭ କରିଦେଲେ । ରୋମୀମାନଙ୍କର ଆଉ ଜଣେ ସର୍ଦ୍ଦାର ମୁସଲମାନମାନଙ୍କ ଲଢେଇ ଦେଖି ନିଜ ଲୋକମାନଙ୍କୁ କହିଲା ଯେ ମୋ ମୁଣ୍ଡକୁ କନାରେ ବାନ୍ଧି ଦିଅ । ସେମାନେ ତାକୁ ପଚାରିଲେ କାହିଁକି ? ସେ କହିଲା ଆଜିର ଦିନଟି ବହୁତ ଖରାପ ଦିନ ତେଣୁ ମୁଁ ଏହାକୁ ଦେଖିବାକୁ ଚାହୁଁନାହିଁ । ମୁଁ ଦୁନିଆରେ ଆଜି ପର୍ଯ୍ୟନ୍ତ ଏମିତି ଭିଷଣ କଷ୍ଟକର ଦିନ କେବେ ଦେଖିନଥିଲି । ରାୱି କୁହନ୍ତି : ଯେବେ ମୁସଲମାନମାନେ ତା ମୁଣ୍ଡକୁ କାଟିଲେ,ସେ କନାରେ ନିଜ ମୁଣ୍ଡକୁ ଗୁଡ଼ାଇ ରଖିଥିଲା । ***(ତାରିଖେ ତିବରୀ ଖ-୦୨,ପୃ-୩୪୭,ଦାରୁଲ କୁତୁବୁଲ ଅଲମିୟା ବେରୁତ ୧୯୮୭)***

ଏହି ଯୁଦ୍ଧରେ ରୋମାନ ସେନାର ସଂଖ୍ୟା ପ୍ରାୟ ଏକ ଲକ୍ଷ ଥିଲା । ***(ଫୁତୁହୁଲ ବୁଲଦାନ ଲିଇମାମେ ଅବି ଅଲହସନ ବଲାଜରି, ପୃ-୭୪ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୦)***

ମୁସଲମାନମାନଙ୍କ ସଂଖ୍ୟା ତିରିଶି ହଜାର

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ ......*

**ଓଡ଼ିଆ ବଦର ସଂଖ୍ୟା ୫୦ ପୃ-୧୦ରେ ପ୍ରକାଶିତ ଖୁତବା ଜୁମା ୧୯ ଅଗଷ୍ଟ ୨୦୨୨ର ଅବଶିଷ୍ଟାଂଶ.....**

ହଜରତ୍ ଅବୁ ବକର୍ ର ଅ ସେହି ଚିଠିଟିକୁ ହଜରତ୍ ଅନସ୍ ବିନ୍ ମାଲିକ୍ ର ଅଙ୍କ ହାତରେ ପ୍ରେରଣ କରିଲେ । ହଜରତ୍ ଅନସ୍ ବିନ୍ ମାଲିକ୍ ର ଅ କୁହନ୍ତି ଯେ ମୁଁ ୟମନରେ ପହଂଚିଲି ଏବଂ ସେଠାରେ ଥିବା ପ୍ରତ୍ୟେକ ଗାଁ, ପ୍ରତ୍ୟେକ ସାହି ଏବଂ ପ୍ରତ୍ୟେକ କବିଲାରୁ ଆରମ୍ଭ କଲି । ମୁଁ ସେମାନଙ୍କ ସମ୍ମୁଖରେ ହଜରତ୍ ଅବୁ ବକର୍ ର ଅଙ୍କର ଚିଠି ପଢୁଥିଲି। ଯେବେ ମୁଁ ଚିଠି ପଢିବା ଶେଷ କରୁଥିଲି,ମୁଁ କହୁଥିଲି ଯେ ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି ଅଲ୍ଲାଃ ଏବଂ ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହାନ୍ତି ଏବଂ ମୁହମ୍ମଦ୍ ସ ଆ ସ ହେଉଛନ୍ତି ଅଲ୍ଲାଃଙ୍କ ଦୂତ ଏବଂ ମୁଁ ହେଉଛି ରସୁଲୁଲ୍ଲାଃ ସ ଆ ସଙ୍କ ଖଲିଫାଙ୍କ ଓ ମୁସଲମାନମାନଙ୍କ ଦୂତ । ମୋ କଥାକୁ ଭଲ ଭାବରେ ମନ ଧ୍ୟାନ ଦେଇ ଶୁଣନ୍ତୁ ! ମୁଁ ମୁସଲମାନମାନଙ୍କୁ ଏପରି ଅବସ୍ଥାରେ ଛାଡ଼ି ଆସିଛି ଯେ ସେମାନେ ଗୋଟିଏ ସୈନ୍ୟବାହିନୀ ଆକାରରେ ଏକତ୍ରିତ ହୋଇଛନ୍ତି । ସେମାନଙ୍କୁ ନିଜ ଶତୃଙ୍କ ଆଡ଼କୁ ଯିବା ପାଇଁ କେବଳ ଆପଣମାନଙ୍କର(ଅର୍ଥାତ ଆପଣମାନଙ୍କ ମଦିନା ଆଗମନର) ଅପେକ୍ଷା ରୋକି ରଖିଛି। ତେଣୁ ଆପଣମାନେ ନିଜ ଭାଇମାନଙ୍କ ଆଡ଼କୁ ଯଥା ଶୀଘ୍ର ଚାଲିଯାଆନ୍ତୁ । ହେ ମୁସଲମାନମାନେ ! ଅଲ୍ଲାଃ ତୁମମାନଙ୍କ ଉପରେ ଦୟା କରନ୍ତୁ । ***(ଅଲଇକତିଫାଅ ବିମା ତଜମନା ମିନ ମଗାଜି ରସୁଲୁଲ୍ଲାଃ ସ ଆ ସ ......ଖ-୦୨ ଭା-୦୧ ପୃ-୧୧୫-୧୧୬ ଆଲିମୁଲ୍ କିତାବ ୧୯୯୭)***

ହଜରତ ଅନସ ର ଅ ମଦିନା ଲେଉଟିଗଲେ ଏବଂ ହଜରତ ଅବୁ ବକର୍ ର ଅ ଙ୍କୁ ଲୋକମାନଙ୍କ ଆଗମନ ବଷୟରେ ଅବଗତ କରାଇ ଏ ସୁସମାଚାର ଦେଲେ ଯେ ୟମନର ବାହାଦୁର,ସାହସୀ, ନୁଖୁରା କେଶଧାରୀ ଘୋଡ଼ାଚାଳକ ଏବଂ ଧୂଳି ଧୂସରରେ ପରିପୂର୍ଣ୍ଣ ଲୋକେ ଆପଣଙ୍କ ନିକଟରେ ପହଂଚିବାକୁ ଯାଉଛନ୍ତି । ସେମାନେ ନିଜ ଧନସମ୍ପତି ଏବଂ ନିଜ ପରିବାରବର୍ଗଙ୍କ ସହିତ ସେଠାରୁ ବାହାରିପଡ଼ୁଛନ୍ତି । ***(ସୟଦନା ଅବୁ ବକର ସିଦ୍ଧିକ ର ଅ ଔର କାରନାମେ ଅଜ ଅଲୀ ମୁହମ୍ମଦ ସଲାବୀ ,ମୁତରଜିମ, ପୃ-୪୩୯, ଅଲଫୁରକାନ ଷ୍ଟ୍ରିଟ୍ ଖାନ ଗଢ୍ ପାକିସ୍ତାନ)***

ଅପର ପକ୍ଷେ ହଜରତ ଖାଲିଦ ବିନ ସଇଦ ର ଅ ତୈମାଅଠାରେ ପହଂଚି ସେହିଠାରେ ହିଁ ଅବସ୍ଥାନ କଲେ ଏବଂ ଆଖପାଖ ଅଂଚଳର ଅନେକ ଦଳ (ଗୋଷ୍ଠି) ତାଙ୍କ ସହିତ ଆସି ଯେଗ ଦେଲେ । ଯେତେବେଳେ ରୋମୀୟମାନେ ମୁସଲମାନମାନଙ୍କର ଏହି ମହାନ ସୌନ୍ୟବାହିନୀ ବିଷୟରେ ଶୁଣିଲେ, ସେତେବେଳେ ସେମାନେ ନିଜ ଅଧିନସ୍ଥ ଆରବୀୟମାନଙ୍କ ଠାରୁ ସିରିଆରେ ଯୁଦ୍ଧ କରିବା ପାଇଁ ସାହାଯ୍ୟ ମଗାଇଲେ ।

ହଜରତ୍ ଖାଲିଦ ବିନ ସଇଦ ର ଅ ହଜରତ ଅବୁ ବକର ର ଅଙ୍କୁ ରୋମୀୟମାନଙ୍କ ଏପରି ପ୍ରସ୍ତୁତି ସମ୍ବନ୍ଧରେ ପତ୍ର ଲେଖିଲେ । ହଜରତ ଅବୁ ବକର ର ଅ ସେହି ପତ୍ରର ଉତରରେ ଲେଖିଲେ ଯେ ତୁମେ ଆଗକୁ ବଢ ଏବଂ ଟିକିଏ ବି ଭୟ କରନାହିଁ ଏବଂ ଅଲ୍ଲାଃଙ୍କଠାରୁ ସାହାଯ୍ୟ ଭିକ୍ଷା କର । ଏଥିରେ ହଜରତ୍ ଖାଲିଦ ବିନ ସଇଦ ର ଅ ରୋମୀୟ ମାନଙ୍କ ଆଡ଼କୁ ଅଗ୍ରସର ହେଲେ କିନ୍ତୁ ଯେବେ ସେ ରୋମୀମାନଙ୍କ ନିକଟରେ ପହଂଚିଲେ,ସେମାନେ ଏଣୁ ତେଣୁ ଛତ୍ରଭଙ୍ଗ ଦେଇ ଛିନ୍ନଛତ୍ର ହୋଇଗଲେ । ଏହିପରି ଭାବରେ ସେମାନେ ନିଜ ସ୍ଥାନକୁ ଛାଡ଼ି ପଳାୟନ କଲେ । ହଜରତ ଖାଲିଦ ବିନ ସଇଦ ର ଅ ସେମାନଙ୍କ ସ୍ଥାନକୁ ଦଖଲ କରିନେଲେ,ଏବଂ ତାଙ୍କ ଚାରିପାଖରେ ଥିବା ଅଧିକାଂଶ ଲୋକେ ମୁସଲମାନ ହୋଇଯାଇଥିଲେ । ହଜରତ୍ ଖାଲିଦ ବିନ ସଇଦ ର ଅ ହଜରତ ଅବୁ ବକର ର ଅଙ୍କୁ ଏ ବିଷୟରେ ଏତେଲା ଦେଲେ । ଏହି ଏତେଲା ପାଇବା ପରେ ହଜରତ ଅବୁ ବକର ର ଅ ତାଙ୍କୁ ଲେଖି ଏ ଆଦେଶ ଦେଲେ ଯେ ତୁମେ ଆଗକୁ ବଢ କିନ୍ତୁ ଏତେ ଆଗକୁ ବଢିଯାଅନାହିଁ ଯେ ଶତ୍ରୁମାନଙ୍କୁ ପଛପଟରୁ ଆକ୍ରମଣ କରିବା ପାଇଁ ସୁଯୋଗ ପାଇଯାଉ। ହଜରତ୍ ଖାଲିଦ୍ ବିନ ସଇଦ୍ ର ଅ ଲୋକମାନଙ୍କୁ ସାଥିରେ ଧରି ଗୋଟିଏ ସ୍ଥାନକୁ ଚାଲିଗଲେ ଏବଂ ସେଠାରେ ଯାଇ ଛାଉଣି ପକାଇଲେ । ସେଠାରେ ତାଙ୍କ ସହିତ ମୁକାବିଲା କରିବା ପାଇଁ ବାହାନ ନାମକ ଜଣେ ରୋମୀ ପାଦ୍ରୀ ଯୁଦ୍ଧ କରିବାକୁ ଆସିଲା। ହଜରତ୍ ଖାଲିଦ ବିନ ସଇଦ ର ଅ ତାଙ୍କୁ ପରାସ୍ତ କଲେ ଏବଂ ତା ସେନାର ଅନେକ ସୈନିକଙ୍କୁ ହତ୍ୟା କଲେ । ବାହାନ ସେଠାରୁ ପଳାୟନ କରି ଦମସ୍କଠାରେ ଶରଣ ନେଲା। ହଜରତ୍ ଖାଲିଦ ବିନ ସଇଦ ର ଅ ଏବିଷୟରେ ହଜରତ୍ ଅବୁ ବକର ର ଅଙ୍କୁ ଜଣାଇଲେ ଓ ଆହୁରି ଅଧିକା ସାହାଯ୍ୟ ମାଗିଥିଲେ । ସେହି ସମୟରେ ହଜରତ ଅବୁ ବକରଙ୍କ ନିକଟରେ ଏପରି କିଛି ସୈନିକ ଥିଲେ,ଯେଉଁମାନେ ସିରିଆରେ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ୟମନରୁ ପ୍ରାରମ୍ଭିକ ଭାବେ ବାହାରି ଆସିଥିଲେ । ଏତଦ ବ୍ୟତୀତ ମକ୍କା ଏବଂ ୟମନ ମଧ୍ୟରେ ଥିବା ଲୋକମାନେ ମଧ୍ୟ ଆସିଥିଲେ । ସେହି ଲୋକମାନଙ୍କ ମଧ୍ୟରେ ହଜରତ ଜୁଲ କଲାଅ ର ଅ ମଧ୍ୟ ଥିଲେ । ସେହିପରି ହଜରତ ଅକରମାଃ ର ଅ ମଧ୍ୟ ମୁରତଦ୍ଦୀନ (ଅର୍ଥାତ ଇସଲାମ ପରିତ୍ୟାଗ କରି ବିଦ୍ରୋହ କରିଥିବା ଲୋକମାନଙ୍କ) ବିରୁଦ୍ଧରେ ଯୁଦ୍ଧରୁ ସଫଳ ହୋଇ ହଜରତ ଅବୁ ବକର ର ଅଙ୍କ ନିକଟକୁ ଫେରିଥିଲେ । ତାଙ୍କ ସହିତ ଅନ୍ୟ କେତେକ ଅଂଚଳର ଲୋକମାନେ ମଧ୍ୟ ଥିଲେ । ସେ ସମସ୍ତଙ୍କ ବିଷୟରେ ହଜରତ ଅବୁ ବକର ର ଅ ସଦକାତର ଅମୀରମାନଙ୍କୁ ଲେଖିଲେ ଯେ ଯେଉଁ ଲୋକମାନେ ବଦଳିବାକୁ ଚାହୁଁଛନ୍ତି,ସେମାନଙ୍କୁ ବଦଳାଇ ଦିଅନ୍ତୁ । ଏଥିରେ ସେମାନେ ବଦଳିବାକୁ ଚାହିଁଲେ । ସୁତରାଂ ସେ ସମସ୍ତଙ୍କୁ ବଦଳାଇ ଗୋଟିଏ ନୂଆ ସୈନ୍ୟଦଳ ପ୍ରସ୍ତୁତ କରାଗଲା । ସେଥିପାଇଁ ସେହି ସେନାର ନାମ ଯଏଶ-ଅଲ-ବିଦାଲ ଭାବରେ ପ୍ରଶିଦ୍ଧ ହୋଇଗଲା । ଏହି ସେନା ହଜରତ ଖାଲିଦ ବିନ ସଇଦ ର ଅଙ୍କ ନିକଟରେ ଯାଇ ପହଂଚିଲା । ତା ପରେ ମଧ୍ୟ ହଜରତ ଅବୁ ବକର ର ଅ ଲୋକମାନଙ୍କୁ ସିରିଆରେ ଯୁଦ୍ଧ କରିବା ପାଇଁ ଉତ୍ସାହିତ କରୁଥିଲେ । ହଜରତ ଅବୁ ବକର ର ଅ ହଜରତ ଓ୍ୱଲିଦ ବିନ ଅକବାଃ ର ଅଙ୍କୁ ହଜରତ ଖାଲିଦ ବିନ ସଇଦ ର ଅଙ୍କ ନିକଟରେ ପହଂଚିବା ପାଇଁ ଆଦେଶ ଦେଲେ । ସେ ଯେତେବେଳେ ହଜରତ୍ ଖାଲିଦ ର ଅଙ୍କ ନିକଟରେ ପହଂଚିଲେ,ସେ ତାଙ୍କୁ କହିଲେ ଯେ ମଦିନାବାସୀ ନିଜ ଭାଇମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟଗ୍ର ଅଛନ୍ତି ଏବଂ ହଜରତ ଅବୁ ବକର ର ଅ ସେନା ପଠାଇବା ପାଇଁ ବ୍ୟବସ୍ଥା କରୁଛନ୍ତି । ଏହା ଶୁଣି ହଜରତ ଖାଲିଦ ବିନ ସଇଦ ର ଅ ଅତ୍ୟଧିକ ଆନନ୍ଦିତ ହୋଇଗଲେ ଏବଂ ରୋମୀୟମାନଙ୍କ ଉପରେ ବିଜୟ ପାଇବା ଆଶା ଏବଂ ଉତ୍ସାହରେ ହଜରତ ଖାଲିଦ ବିନ ସଇଦ ର ଅ ହଜରତ ଓ୍ୱଲିଦ ବିନ ଅକବାଃ ର ଅଙ୍କୁ ସାଥିରେ ଧରି ରୋମୀୟମାନଙ୍କ ବିଶାଳ ସୈନ୍ୟବାହିନୀ ଉପରେ ଆକ୍ରମଣ କରିବାକୁ ଇଚ୍ଛା ପୋଷଣ କଲେ,ଯାହାର ନେତୃତ୍ୱ ରୋମୀମାନଙ୍କର ସେନା ମୁଖ୍ୟ ବାହାନ କରୁଥିଲା । ***(କାମିଲ ଫିତ ତାରିଖ ଖ-୦୨,ପୃ-୨୫୨,୨୫୩,ଦାରୁଲ କୁତୁବୁଲ ଅଲମିୟାଃ ବେରୁତ)(ଅଲବିଦାୟାଃ ଓ୍ୱନ ନହାୟାଃ,ଖ-୦୪,ଭା-୦୭,ପୃ-୦୪ ଦାରୁଲ କୁତୁବୁଲ ଅଲମିୟାଃ ବେରୁତ)(ତାରିଖେ ତିବରୀ,ଖ-୦୨,ପୃ-୩୩୨,ଦାରୁଲ କୁତୁବୁଲ ଅଲମିୟାଃ ବେରୁତ ଲେବନାନ)(ହଜରତ ସୟଦନା ଅବୁ ବକର ସିଦ୍ଧିକ ର ଅ ଅଜ ମୁହମ୍ମଦ ହୁସୈନ ହୈକଲ ମୁତରଜିମ, ପୃ-୩୪୦-୩୪୧ ପ୍ରକାଶନ ବୁକ କାର୍ଣ୍ଣର ଶୋ ରୁମ ଝେଲମ)***

ସତେ ଯେପରି ହଜରତ୍ ଖାଲିଦ୍ ବିନ ସଇଦ ର ଅ ରୋମୀ ସେନାଙ୍କ ଉପରେ ଆକ୍ରମଣ କରୁଥିବା ବେଳେ ହଜରତ ଅବୁବକର ର ଅ ଙ୍କ ର ସେହି ଆଦେଶକୁ ଅଣଦେଖା କରିଦେଲେ । ଅର୍ଥାତ ତୁମେ ଏତେ ଆଗକୁ ବଢନାହିଁ ଯେ ପଛପଟୁ ଶତ୍ରୁମାନଙ୍କୁ ଆକ୍ରମଣ କରିବାର ସୁଯୋଗ ମିଳିଯିବ । ଅତେବ ସେ ନିଜ ପଛପଟର ସୁରକ୍ଷା କରିବା କଥାକୁ ଭୂଲିଗଲେ ଏବଂ ଅନ୍ୟ ଅମୀରମାନେ ପହଂଚିବା ପୂର୍ବରୁ ରୋମୀମାନଙ୍କ ସହିତ ଯୁଦ୍ଧ କରିବା ଆରମ୍ଭ କରିଦେଲେ । ବାହାନ ନିଜ ସାଥିମାନଙ୍କ ସହିତ ତାଙ୍କ ସମ୍ମୁଖରୁ ହଟିଯାଇ ଦମସ୍କ ଆଡ଼କୁ ଚାଲିଗଲା । ବାହାନର ପଛକୁ ଫେରିଯିବା ବାସ୍ତବିକ ଗୋଟିଏ ଷଡଯନ୍ତ୍ର ଥିଲା, ତେଣୁ ସେ ଏହା ଚାହୁଁଥିଲା ଯେ ମୁସଲମାନମାନଙ୍କୁ ଘେରିଯାଇ ପଛପଟରୁ ଆକ୍ରମଣ କରିନେବ । ଏହି ବିପଦରୁ ହଜରତ ଅବୁ ବକର ର ଅ ହଜରତ ଖାଲିଦ ବିନ ସଇଦ ର ଅଙ୍କୁ ଚେତାବନୀ ଦେଇଥିଲେ । କିନ୍ତୁ ସେତେବେଳେ ହଜରତ୍ ଖାଲିଦ ବିନ ସଇଦ ର ଅଙ୍କୁ ତାଙ୍କ ସଫଳତାର ନିଶା ସେ ସମୟର ଖଲିଫାଙ୍କ ସେହି ଚେତାବନୀକୁ ଅଣଦେଖା କରାଇଦେଇଥିଲା ଏବଂ ଆଗକୁ ବଢିବା ପାଇଁ ଉତ୍ସାହିତ କରିଥିଲା । ହଜରତ ଖାଲିଦ ବିନ ସଇଦ ର ଅ ଶତ୍ରୁଙ୍କ ସୈନ୍ୟବାହିନୀରେ ପଶିଆଗକୁ ଆଗକୁ ମାଡ଼ିଚାଲିଲେ । ସେ ସମୟରେ ତାଙ୍କ ସାଥିରେ ହଜରତ୍ ଓ୍ୱଲିଦ ବିନ ଅକବାଃ ର ଅ ଙ୍କ ବ୍ୟତୀତ ହଜରତ ଜୁଲ କାଲାଅ ର ଅ ଏବଂ ହଜରତ ଅକରମାଃ ର ଅ ମଧ୍ୟ ଥିଲେ। ସେଠାରେ ହଜରତ ଖାଲିଦ ବିନ ସଇଦ ର ଅଙ୍କୁ ବାହାନର ସାମରିକ ପୋଷ୍ଟ ଏକାସାଥିରେ ମିଶି ଘେରି ଗଲେ ଏବଂ ତାଙ୍କ ରାସ୍ତାକୁ ଅବରୋଧ କରିନେଲେ । ଏ ବିଷୟରେ ହଜରତ୍ ଖାଲିଦ ବିନ ସଇଦ ର ଅ କିଛି ଯାଣି ପାରିଲେ ନାହିଁ । ତାପରେ ବାହାନ ଆଗକୁ ବଢିଲା ଏବଂ ଗୋଟିଏ ସ୍ଥାନରେ ହଜରତ୍ ଖାଲିଦ ବିନ ସଇଦ ର ଅଙ୍କ ପୁତ୍ର ସଇଦଙ୍କୁ କିଛି ଲୋକଙ୍କ ସହିତ ପାଣି ଖୋଜୁଥିବାର ଦେଖି ଧରିନେଲା ଏବଂ ସେ ସମସ୍ତଙ୍କୁ ହତ୍ୟା କରିଦେଲା । ହଜରତ୍ ଖାଲିଦ ବିନ ସଇଦ ର ଅଙ୍କୁ ଯେବେ ତାଙ୍କ ପୁତ୍ର ଏବଂ ତା ସାଥିମାନଙ୍କୁ ହତ୍ୟା କରାଯିବାର ଖବର ମିଳିଲା, ସେମାନଙ୍କୁ ଶହୀଦ କରିଦିଆଯାଇଥିବା ଖବର ମିଳିଲା । ସେତେବେଳେ ସେ ଗୋଟିଏ ଅଶ୍ୱାରୋହୀମାନଙ୍କ ଦଳ ସାଥିରେ ମିଶି ସେଠାରୁ ପଳାଇଗଲେ ଏବଂ ଯୁଦ୍ଧ କରିବା ପରିବର୍ତେ ସେ ସେହି ସ୍ଥାନ ଛାଡ଼ି ଚାଲିଗଲେ । ତାଙ୍କର ଅନେକ ସାଥି ମଧ୍ୟ ଘୋଡ଼ା ଏବଂ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଓଟ ପଠିରେ ଚଢି ନିଜ ସେନାରୁ ଅଲଗା ହୋଇଗଲେ । ଖାଲିଦ ପରାସ୍ତ ହୋଇ ଜୁଲ ମର୍‌ଓ୍ୱାଃ ନିକଟରେ ପହଂଚିଗଲେ କିନ୍ତୁ ହଜରତ ଅକରମାଃ ର ଅ ନିଜ ସ୍ଥାନରୁ ହଟିନଥିଲେ ବରଂ ମୁସଲମାନମାନଙ୍କୁ ସାହାଯ୍ୟ କରିବାରେ ଲାଗିପଡ଼ିଲେ । ଜୁଲମରାରାଃ ନାମକ ସ୍ଥାନଟି ମକ୍କା ଏବଂ ମଦିନା ମଧ୍ୟରେ ଅବସ୍ଥିତ ଏବଂ ତାହା ମଦିନାଠାରୁ ପ୍ରାୟ ୯୬ ମାଇଲ ଦୂରତାରେ ରହିଛି । ସେ ଯାହା ବି ହେଉ ହଜରତ ଅକରମାଃ ର ଅ ବାହାନ ଏବଂ ତା ସେନାକୁ ହଜରତ ଖାଲିଦଙ୍କ ଅନୁଧାବନ (ଅର୍ଥାତ ) କରିବାରୁ ନିବୃତ ରଖିଲେ । ଏ ବିଷୟରେ ଯେବେ ହଜରତ ଅବୁ ବକର ର ଅଙ୍କୁ ସୂଚନା ମିଳିଲା,ମହାଭାଗ ହଜରତ ଖାଲିଦ ବିନ ସଇଦ ର ଅଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ତାଙ୍କୁ ମଦିନାରେ ପ୍ରବେଶ କରିବାକୁ ଅନୁମତି ଦେଇନଥିଲେ । କିନ୍ତୁ ପରେ ଯେବେ ସେ ମଦିନାରେ ପ୍ରବେଶ କରିବାର ଅନୁମତି ପାଇଲେ,ସେତେବେଳେ ସେ ଏହି କାର୍ଯ୍ୟ ପାଇଁ ହଜରତ ଅବୁ ବକର ର ଅଙ୍କୁ କ୍ଷମା ମାଗିଥିଲେ । ***(ଉଦ୍ଧୃତାଂଶ ପୁସ୍ତକ ତାରିଖେ ତବରୀ,ଭାଗ-୦୨, ପୃ-୩୩୩-୩୩୪, ଦାରୁଲ କୁତୁବୁଲ ଅଲମିୟା ବେରୁତ ଲେବନାନ ୨୦୧୨)(ଉଦ୍ଧୃତାଂଶ ସୟଦନା ଅବୁ ବକର ସିଦ୍ଦିକ ର ଅ ଅଜ ହୈକଲ ମୁତରଜିମ ପୃ-୩୪୧) (ଫରହଙ୍ଗ ସିରତ ପୃ-୫୬,୨୬୯ ଜୱ୍ୱାର ଏକାଡ଼େମୀ କରାଚି)***

ହଜରତ ଖାଲିଦ ବିନ ସଇଦ ର ଅଙ୍କର ଏହି ଅସଫଳତା ସତ୍ୱେ ମଧ୍ୟ ହଜରତ ଅବୁ ବକର ର ଅ ଙ୍କ ନିଷ୍ଠା ଏବଂ ସାହାସର କୌଣସି ପ୍ରକାରର ପାର୍ଥକ୍ୟ ପରିଲକ୍ଷିତ ହୋଇନଥିଲା । ଯେତେବେଳେ ସେ ଏହି ଖବର ପାଇଲେ ଯେ ହଜରତ ଇକରମା ର ଅ ଏବଂ ହଜରତ ଜୁଲକିଲାଅ ର ଅ ଇସଲାମୀ ସେନାକୁ ରୋମୀମାନଙ୍କ କବଳରୁ ଉଦ୍ଧାର କରି ସିରିଆର ସୀମାକୁ ଫେରାଇ ଆଣିଛନ୍ତି ଏବଂ ସେଠାରେ ସାହାଯ୍ୟ ଅପେକ୍ଷାରେ ଅଛନ୍ତି । ସେତେବେଳେ ହଜରତ ଅବୁ ବକର ର ଅ କ୍ଷଣମାତ୍ର ବି ଅବହେଳା ପ୍ରଦର୍ଶନ ନକରି ସାହାଯ୍ୟ (ଅର୍ଥାତ ସୈନ୍ୟ ସହାୟତା) କରିବା ପାଇଁ ବ୍ୟବସ୍ଥା ଆରମ୍ଭ କରିଦେଲେ । ହଜରତ ଅବୁ ବକର ସିଦ୍ଦିକ ର ଅ ଏହି ପରିପ୍ରେକ୍ଷୀରେ ଚାରୋଟି ବଡ଼ ବଡ଼ ସୈନ୍ୟଦଳ ପ୍ରସ୍ତୁତ କରିଲେ ଏବଂ ସେମାନଙ୍କୁ ସିରିଆର ବିଭିନ୍ନ ଅଂଚଳକୁ ପ୍ରେରଣ କଲେ । ତାହାର ବିବରଣୀ ନିମ୍ନରେ ଦିଆଯାଉଅଛି ।

ପ୍ରଥମ ସେନାର ଅଧ୍ୟକ୍ଷ ୟଜିଦ ବିନ ଅବୁ ସୁଫିୟାନଙ୍କର ଥିଲା । ସେ ହଜରତ ମାଓ୍ୱିୟା ର ଅଙ୍କ ଭାଇ ଥିଲେ । ସେ ଅବୁ ସୁଫିୟାନଙ୍କ ପରିବାରର ବହୁତ ଉତମ ବ୍ୟକ୍ତି ଥିଲେ । ସିରିଆ ଆଡ଼କୁ ସୈନ୍ୟ ସହାୟତା ପ୍ରେରଣ କରାଯାଇଥିବା ଚାରୋଟି ସୈନ୍ୟଦଳ ମଧ୍ୟରୁ ଏହା ଥିଲା ପ୍ରଥମ ଦଳ । ହଜରତ ଅବୁ ବକର ଏହି ଦଳର ଅମୀର (ଅର୍ଥାତ ସେନାପତି) ଭାବରେ ହଜରତ ୟଜିଦ ବିନ ଅବୁ ସୁଫିୟାନଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ । ତାଙ୍କ ଦାୟିତ୍ୱରେ ଏ କାର୍ଯ୍ୟ ଥିଲା ଯେ, ସେ ଦମସ୍କଠାରେ ପହଂଚି ତାକୁ ପରାସ୍ତ କରିବେ ଏବଂ ଆବଶ୍ୟକ ସମୟରେ ଅନ୍ୟ ତିନୋଟି ସୈନ୍ୟଦଳକୁ ସାହାଯ୍ୟ କରିବେ । ଏହି ସେନାର ସଂଖ୍ୟା ଆରମ୍ଭରେ ତନି ହଜାର ଥିଲା । ପୁଣି ହଜରତ ଅବୁ ବକର ର ଅ ଆହୁରି ଅଧିକା ସୈନ୍ୟ ସହାୟତା ପ୍ରେରଣ କଲେ । ଫଳତଃ ତାଙ୍କର ସଂଖ୍ୟା ପ୍ରାୟ ସାତ ହଜାରକୁ ବୃଦ୍ଧି ପାଇଲା । ହଜରତ ୟଜିଦ ବିନ ଅବୁ ସୁଫିୟାନଙ୍କର ସେହି ସୈନ୍ୟଦଳରେ ମକ୍କାର ଅଧିବାସୀମାନଙ୍କ ମଧ୍ୟରୁ ସୁହେଲ ବିନ ଅମରୋ ଏବଂ ତାଙ୍କ ପରି ସମାନ ପଦରେ ଅଧିଷ୍ଠିତ ଥିବା ଲୋକମାନେ ମଧ୍ୟ ସାମିଲ ଥିଲେ । ସୁହେଲ ବିନ ଅମରୋ ଜାହିଲିୟତ (ଅର୍ଥାତ ଇସଲାମ ପୂର୍ବବର୍ତୀ) ସମୟରେ କୁରୈଶର ଅଗ୍ରଣୀ ତଥା ବୁଦ୍ଧିମାନ ସର୍ଦାରମାନଙ୍କ ମଧ୍ୟରୁ ଜଣେ ଥିଲେ । ସୁଲାହ ହୁଦବିୟା ଅବସରରେ ରସୁଲେ କରିମ ସ ଆ ସଙ୍କ ସହିତ ଶାନ୍ତି ଚୁକ୍ତି କରିବା ବେଳେ ସେ କୁଫାରେ ମକ୍କା (ଅର୍ଥାତ ମକ୍କାର ଅବିଶ୍ୱାସୀମାନ)ଙ୍କ ପ୍ରତିନିଧିତ୍ୱ କରିଥିଲେ । ସେ ଫତହା ମକ୍କା ଅର୍ଥାତ ମକ୍କା ବିଜୟ ଅବସରରେ ମୁସଲମାନ ହୋଇଥିଲେ । ***(ସୟଦନା ଅବୁ ବକର ସିଦ୍ଦିକ ର ଅ ଶଖସିୟତ ଔର କାରନାମେ ଅଜ ଅଲୀ ମୁହମ୍ମଦ ସଲାବୀ,ମୁତରଜିମ ପୃ-୪୪୧,ଅଲଫୁରକାନ ଟ୍ରଷ୍ଟ ଖାନ ଗଢ ପାକିସ୍ତାନ)(ତାରୀଖେ ତବରୀ ଖ-୦୨,ପୃ-୩୩୩,ଦାରୁଲ କୁତୁବୁଲ ଅଲମିୟା ବେରୁତ)(ଉସଦୁଲ ଗାବାଃ, ଖ-୦୨,ପୃ-୫୮୫-୫୮୬ ଦାରୁଲ କୁତୁବୁଲ ଅଲମିୟା ବେରୁତ)***

ଯେତେବେଳେ ହଜରତ ଅବୁ ବକର ର ଅ ହଜରତ ୟଜିଦ ବିନ ଅବୁ ସୁଫିୟାନଙ୍କ ନିମନ୍ତେ ଧ୍ୱଜା /ପତାକା ପ୍ରସ୍ତୁତ କଲେ,ସେତେବେଳେ ରବିୟା ବିନ ଆମିରଙ୍କୁ ଡ଼କାଇଲେ ଏବଂ ତାଙ୍କ ପାଇଁ ମଧ୍ୟ ଗୋଟିଏ ଧ୍ୱଜା / ପତାକା ପ୍ରସ୍ତୁତ କଲେ ଏବଂ ତାଙ୍କୁ କହିଲେ ଯେ ତୁମେ ୟଜିଦ ବିନ ଅବୁ ସୁଫିୟାନଙ୍କ ସହିତ ଯିବ ଓ ତାଙ୍କ କଥାର ଅବମାନନା କି ତାଙ୍କ କଥାର ବିରୋଧ କରିବ ନାହିଁ । ପୁଣି ମହାଭାଗ ର ଅ ହଜରତ ୟଜିଦ ବିନ୍ ଅବୁ ସୁଫିୟାନ ର ଅଙ୍କୁ କହିଲେ ଯେ ଯଦି ତୁମେ ସେନାର ଅଗ୍ରଭାଗର ତତ୍ୱାବଧାନ ଦାୟିତ୍ୱ ରବିୟା ବିନ ଆମିରଙ୍କଠାରେ ନ୍ୟସ୍ତ କରିବା ପାଇଁ ଉଚିତ ମଣିବ ତାହେଲେ ନିଶ୍ଚିତ ରୂପେ ତୁମେ ତାହା କରିବ । ତାଙ୍କର ଗଣନା ଆରବର ସର୍ବୋତମ ଅଶ୍ୱାରୋହୀ ମାନଙ୍କ ମଧ୍ୟରେ ହୋଇଥାଏ ଏବଂ ସେ ତୁମ କୌମର ଭଦ୍ର ଲୋକମାନଙ୍କ ମଧ୍ୟରେ ବି ଗଣା ହୋଇଥାନ୍ତି । ମୁଁ ମଧ୍ୟ ଏ ଆଶା ରଖିଛି ଯେ ସେ ଅଲ୍ଲାଃଙ୍କ ପୂଣ୍ୟବନ୍ତ ଲୋକମାନଙ୍କ ମଧ୍ୟରୁ ଜଣେ ସାବସ୍ତ୍ୟ ହେବେ । ଏଥିରେ ହଜରତ ୟଜିଦ ବିନ ଅବୁ ସୁଫିୟାନ କହିଲେ ଯେ ତାଙ୍କ ବିଷୟରେ ଆପଣ ର ଅଙ୍କର ଉତମଧାରଣା ଏବଂ ତାଙ୍କ ବିଷୟରେ ଆପଣଙ୍କ ଆଶା ମୋ ହୃଦୟରେ ତାଙ୍କ ପ୍ରତି ପ୍ରେମକୁ ଆହୁରି ଅଧିକା ବୃଦ୍ଧି କରିଦେଇଛି । ପୁଣି ହଜରତ ଅବୁ ବକର ର ଅ ତାଙ୍କ ସହିତ ପାଦରେ ଚାଲିବାକୁ ଲାଗିଲେ । ଏହା ଦେଖି ହଜରତ ୟଜିଦ୍ ର ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସଙ୍କ ଖଲିଫା ! ଆପଣ ଦୟାକରି ବାହାନ ଉପରେ ଆରୋହଣ କରନ୍ତୁ କିମ୍ବା ମତେ ଏ ଅନୁମତି ଦିଅନ୍ତୁ ଯେ ମୁଁ ମଧ୍ୟ ଆପଣଙ୍କ ସହିତ ପାଦରେ ଚାଲି ଚାଲି ଯିବି । କାରଣ ମୁଁ ଏହା କଦାପି ପସନ୍ଦ କରିବି ନାହିଁ ଯେ ମୁଁ ନିଜେ ତ ବାହାନ ଉପରେ ଚଢି ଯାଉଥିବି ଓ ଆପଣ ପାଦରେ ଚାଲି ଚାଲି ଯାଉଥିବେ । ଏଥିରେ ହଜରତ ଅବୁ ବକର ର ଅ କହିଲେ : ନା ତ ମୁଁ ବାହନ ଉପରେ ଚିଢିବି ଓ ନା ତୁମେ ବାହାନ ଉପରୁ ଓହ୍ଲାଇବ । ମୁଁ ମୋର ଏହି ପାଦକୁ ଅଲ୍ଲାଃଙ୍କ ମାର୍ଗରେ ଉଠୁଥିବାର ବିବେଚନା କରୁଅଛି ।

ପୁଣି ହଜରତ ଅବୁ ବକର ର ଅ ହଜରତ ୟଜିଦ ର ଅଙ୍କୁ ଓ୍ୱସିୟତ କରି କହିଲେ : ହେ ୟଜିଦ ! ମୁଁ ତୁମକୁ ଅଲ୍ଲାଃଙ୍କ ତକୱ୍ୱା (ଅର୍ଥାତ ଅଲ୍ଲାଃଙ୍କୁ ଭୟ କରିବା ପାଇଁ) ଗ୍ରହଣ କରିବା ପାଇଁ ଆଦେଶ ଦେଉଛି । ଯେବେ ଶତୃଙ୍କ ସହିତ ତୁମର ଯୁଦ୍ଧ ହୁଏ ଏବଂ ଅଲ୍ଲାଃତାଲା ତୁମକୁ ବିଜୟ ପ୍ରଦାନ କରନ୍ତି,ସେତେବେଳେ ତୁମେ ବିଶ୍ୱାସଘାତକତା କରିବ ନାହିଁ ,ମୁସଲା କରିବ ନାହିଁ ଅର୍ଥାତ ଶତୃପକ୍ଷର ନିହତ ହୋଇଥିବା ଲୋକମାନଙ୍କର ଚେହେରାକୁ ବିକୃତ କରିବ ନାହିଁ । ପ୍ରତିଶୃତି ଭଙ୍ଗ କରିବ ନାହିଁ କି ଭୟଭୀତ ହୋଇ କାପୁରୁଷତା ପ୍ରଦର୍ଶନ କରିବ ନାହିଁ । କୌଣସି ଛୋଟ ପିଲା,ବୃଦ୍ଧ ଏବଂ ମହିଳାମାନଙ୍କୁ ହତ୍ୟା କରିବ ନାହିଁ । କୌଣସି ଖଜୁରୀ ଗଛକୁ ପୋଡ଼ିବ ନାହିଁ କି ତାକୁ ନଷ୍ଟ କରିବ ନାହିଁ । ସେହିପରି କୌଣସି ଫଳପ୍ରଦାନକାରୀ ବୃକ୍ଷକୁ କାଟିବ ନାହିଁ । ଯଦି କୌଣସି ପଶୁକୁ ନଖାଇବ ତେବେ ତାକୁ ଜେବହ (ଅର୍ଥାତ ପଶୁକୁ ହଲାଲ କରିବା ପାଇଁ ଇସଲାମରେ ଯେଉଁ ଶୈଳୀ ରହିଛି) କରିବ ନାହିଁ କି ବଧ କରିବ ନାହିଁ । ଯଦି ତୁମେ ଏମିତି ଲୋକମାନଙ୍କ ନିକଟଦେଇ ଯିବ,ଯେଉଁମାନେ ଈଶ୍ୱରଙ୍କ ଖାତିର ନିଜ ଜୀବନକୁ କେବଳ ଗୀର୍ଜା ପାଇଁ ଉତ୍ସର୍ଗ କରିରଖିଥିବେ,ତୁମେ ସେମାନଙ୍କୁ ଏବଂ ଯେଉଁ ଜିନିଷ ପାଇଁ ସେମାନେ ନିଜକୁ ଉତ୍ସର୍ଗ କରି ରଖିଛନ୍ତି,ସେହି ଜିନିଷକୁ ଛାଡ଼ିଦେବ । ଅର୍ଥାତ ଭିକ୍ଷୁ ଏବଂ ଚର୍ଚ୍ଚର ପାଦ୍ରୀ ଇତ୍ୟାଦି ଲୋକମାନଙ୍କୁ କିଛି କହିବ ନାହିଁ । ସେହିପରି ତୁମେ ଏମିତି କିଛି ଲୋକଙ୍କୁ ମଧ୍ୟ ପାଇବ,ଯେଉଁମାନଙ୍କର ମୁଣ୍ଡର କେଶକୁ ମଝି ମୁଣ୍ଡରୁ ହିଁ ସଇତାନ ସଫା କରିଦେଇଥିବ । ସେହି ଲୋକମାନଙ୍କ ମୁଣ୍ଡର ମଝି ଭାଗଟି ଏମିତି ଥିବ ଯେମିତି ତିତର (ଅର୍ଥାତ ଗୋଟିଏ ପ୍ରକାରର ପକ୍ଷୀ) ଅଣ୍ଡା ଦେବା ପାଇଁ ଭୂଇଁରେ ଗାତ କରିଥାଏ । ଆଉ ଏକ ହଦିସରେ ଯେଉଁ ବାକ୍ୟ ଆସିଛି,ତାହା ହେଉଛି ଏପେରି ଯେ ତୁମକୁ ଏମିତି ଲୋକେ ମିଳିବେ,ଯେଉଁମାନେ ନିଜ ମୁଣ୍ଡର କେଶକୁ ମଝିରୁ ହିଁ ସଫା କରିଦେଇଥିବେ ଏବଂ ମୁଣ୍ଡର ଚାରିପାଖରୁ କେଶକୁ ଗୋଟିଏ ପଟି ସଦୃଶ ଛାଡ଼ିଦେଇଥିବେ । ଅତେବ ତୁମେ ସେମାନଙ୍କ ମୁଣ୍ଡରେ ଖାଲିଥିବା ସ୍ଥାନକୁ ଖଣ୍ଡା ଦ୍ୱାରା ପ୍ରହାର କରିବା ଯେଉଁମାନଙ୍କୁ ଏଠାରେ ମାରିବା ପାଇଁ ଆଦେଶ ଦିଆଯାଇଅଛି, ସେମାନଙ୍କ ବିଷୟରେ ଭିନ୍ନ ଭିନ୍ନ ରିଓ୍ୱାୟତ ରହିଛି । କୁହାଯାଏ ସେହି ଲୋକମାନେ ଖ୍ରୀଷ୍ଟିଆନମାନଙ୍କର ଏପରି ଏକ ଗୋଷ୍ଠି ଥିଲା,ଯେଉଁମାନେ ଭିକ୍ଷୁ ତ ନଥିଲେ କିନ୍ତୁ ଧାର୍ମିକ ନେତା ଥିଲେ ଏବଂ ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଯୁଦ୍ଧ କରିବା ପାଇଁ ଉସୁକାଉଥିଲେ ଓ ନିଜେ ଯୁଦ୍ଧରେ ଅଂଶଗ୍ରହଣ ବି କରୁଥିଲେ । ସେଥି ସକାଶେ ହଜରତ ଅବୁ ବକର ର ଅ ଏକଥା କହିଥିଲେ ଯେ ଯେଉଁ ପାଦ୍ରୀମାନେ ବା ଭିକ୍ଷୁମାନେ ଗିର୍ଜା ଭିତରେ ଅଛନ୍ତି ସେମାନଙ୍କୁ କିଛି କହିବ ନାହିଁ । କିନ୍ତୁ ଯେଉଁମାନଙ୍କ ପଛରେ ଲୋକମାନେ ଅନୁସରଣ କରି ଚାଲଥାନ୍ତି,ସେମାନଙ୍କୁ ଏବଂ ସେମାନଙ୍କ ଅନୁଗାମୀମାନଙ୍କୁ, ଯେଉଁମାନେ ଯୁଦ୍ଧ କରିବା ପାଇଁ ଲୋକଙ୍କ ଉସୁକାଇଥାନ୍ତି ଏବଂ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିଥାନ୍ତି,ସେମାନଙ୍କ ସହିତ ଅବଶ୍ୟ ଯୁଦ୍ଧ କରିବ । କାରଣ ଏମାନେ ନିଜେ ଯୁଦ୍ଧ କରିବା ସହିତ ଲୋକମାନଙ୍କୁ ଯୁଦ୍ଧ କରିବା ପାଇଁ ମଧ୍ୟ ଉସୁକାଇଥାନ୍ତି । ପୁଣି ମହାଭାଗ କହିଲେ ଯେ ଯେପର୍ଯ୍ୟନ୍ତ ସେମାନେ ଇସଲାମ ପ୍ରତି ଆକୃଷ୍ଟ ନହୋଇଛନ୍ତି ବା ବିବଶ ହୋଇ ଜିଜିଆ ଦେବାପାଇଁ ରାଜି ନହୋଇଛନ୍ତି,ସେମାନଙ୍କ ସହିତ ସେପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖିବ ।

ଯିଏ ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କୁ ସାହାଯ୍ୟ କରିଥାଏ, ଅଲ୍ଲାଃତାଲା ଅଦୃଶ୍ୟରୁ ତାକୁ ସାହାଯ୍ୟ କରିଥାନ୍ତି । ମୁଁ ତୁମକୁ ସଲାମ କହୁଛି ଏବଂ ଅଲ୍ଲାଃଙ୍କ ନିକଟରେ ଅର୍ପଣ କରୁଅଛି । ***(ଅଲଇକତିଫାଅ ବିମା ତଜମନା ମିନ ମଗାଜି ରସୁଲୁଲ୍ଲାଃ ସ ଆ ସ ......ଖ-୦୨ ଭା-୦୧ ପୃ-୧୧୭-୧୧୮ ଆଲିମୁଲ୍ କିତାବ ବେରୁତ ୧୯୯୭) (ତାରୀଖେ ତିବରୀ ,ଖ-୦୨,ପୃ-୨୪୬,ଦାରୁଲ କିତାବୁଲ ଅଲମିୟା ବେରୁତ)***

ଆଉ ଏକ ରିଓ୍ୱାୟତରେ ଉପରୋକ୍ତ ଉପଦେଶାବଳୀ ବ୍ୟତୀତ ଆହୁରି କିଛି ଅଧିକା ଉପଦେଶ ବିଷୟରେ ଉଲ୍ଲେଖ ରହିଛି । ସୁତରାଂ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅ ହଜରତ ୟଜିଦ ବିନ ଅବୁ ସୁଫିୟାନ ର ଅ ଙ୍କୁ କହିଲେ : ମୁଁ ତୁମକୁ ଓ୍ୱାଲି ଭାବରେ ନିଯୁକ୍ତ କରୁଅଛି ଯଦ୍ଦ୍ୱାରା ମୁଁ ତୁମକୁ ପରିକ୍ଷା କରି ଦେଖିବି, ତୁମ ବିଷୟରେ ଅଭିଜ୍ଞତା ହାସଲ କରିବି ଏବଂ ତୁମକୁ ବାହାରକୁ ବାହାର କରି ତୁମର ପ୍ରଶିକ୍ଷଣ କରିବି । ଯଦି ତୁମେ ନିଜର କର୍ତବ୍ୟକୁ ଭଲ ଭାବରେ ନିର୍ବାହ କଲ,ତାହେଲେ ତୁମକୁ ପୁନର୍ବାର ସେହି କାର୍ଯ୍ୟରେ ନିୟୋଜିତ କରିବି ଏବଂ ତୁମର ପଦୋନ୍ନତି କରାଇବି । କିନ୍ତୁ ଯଦି ତୁମେ ଅବହେଳା ପ୍ରଦର୍ଶନ କଲ,ତାହେଲେ ମୁଁ ତୁମକୁ ବହିଷ୍କାର କରିବି ଓ ତୁମ ପଦବୀରୁ ତୁମକୁ ବାହାର କରିଦେବି ଅଲ୍ଲାଃଙ୍କ ତକୱ୍ୱା (ଅର୍ଥାତ ଅଲ୍ଲାଃଙ୍କ ପ୍ରତି ଭୟ) ପ୍ରଦର୍ଶନ କରିବାକୁ ଜରୁରୀ ମଣନ୍ତୁ । ଅଲ୍ଲାଃ ତୁମର ଅନ୍ତରକୁ ଏମିତି ଦେଖିଥାନ୍ତି ଯେମିତି ସେ ବାହ୍ୟ ଆଚରଣକୁ ଦେଖିଥାନ୍ତି । ପୁଣି କହିଲେ: ଲୋକମାନଙ୍କ ମଧ୍ୟରୁ ଈଶ୍ୱରଙ୍କ ଅତି ନିକଟର ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ

ଈଶ୍ୱରଙ୍କ ବନ୍ଧୁତା ଖାତିର ତାହା ପ୍ରତି ଥିବା କର୍ତବ୍ୟକୁ ସବୁଠାରୁ ଅଧିକା କର୍ତବ୍ୟ ସମ୍ପାଦନ କରିଥାଏ । ଲୋକମାନଙ୍କ ମଧ୍ୟରୁ ଈଶ୍ୱରଙ୍କ ଅତି ନିକଟର ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ନିଜ କାର୍ଯ୍ୟ ଦ୍ୱାରା ସବୁଠାରୁ ଅଧିକା ତା ନିକଟତା ପ୍ରାପ୍ତ କରିଥାଏ । ମୁଁ ଖାଲିଦ ବିନ୍ ସଇଦଙ୍କ ସ୍ଥାନରେ ତୁମକୁ ନିଯୁକ୍ତ କରିଛି । ଅଜ୍ଞତା କୁସଂସ୍କାରରୁ ଦୂରେଇ ରୁହନ୍ତୁ । ଅଲ୍ଲାଃତାଲାଙ୍କୁ ଏହି କଥା ଏବଂ ଏପରି କରୁଥିବା ଲୋକେ ଅତ୍ୟନ୍ତ ଅପସନ୍ଦ । ଯେତେବେଳେ ତୁମେ ନିଜ ସୈନ୍ୟବାହିନୀ ନିକଟରେ ପହଂଚିବ,ସେମାନଙ୍କ ସହିତ ଉତମ ବ୍ୟବହାର କରିବ । ସେମାନଙ୍କୁ ଭଲ ପ୍ରତିଶୃତି ଦେବ । ଯେବେ ତାଙ୍କୁ ଉପଦେଶ ବା ପରାମର୍ଶ ଦେବ,ତାହାକୁ ସଂକ୍ଷିପ୍ତ ରଖିବ । କାରଣ ଅଧିକା ବାର୍ତାଳାପ କରିବା ଦ୍ୱାରା ତାହା ଅନେକ କଥାକୁ ଭୂଲାଇ ଦେଇଥାଏ । ଯେବେ ତୁମେ ନିଜକୁ ଠିକ ରଖିବ,ଲୋକମାନେ ମଧ୍ୟ ଆପେ ଆପେ ଠିକ ହୋଇଯିବେ । ଯେବେ ଲିଡ଼ର ନିଜକୁ ଠିକ ରଖେ ତାହେଲେ ଲୋକମାନେ ବି ଠିକ ହୋଇଯିବେ । ନମଜକୁ ତାର ଧାର୍ଯ୍ୟସମୟରେ ରୁକୁ ଏବଂ ସଜଦାଃକୁ ସମ୍ପୂର୍ଣ୍ଣ ଭାବରେ ନିର୍ବାହ କରି ପାଠ କରିବ । ସେଥିରେ ବିନମ୍ରତା ଅବଲମ୍ବନ କରି ଆକୁଳ ନିବେଦନ ପୂର୍ବକ ପ୍ରାର୍ଥନା କରିବ ଏବଂ ଯେତେବେଳେ ଶତୃପକ୍ଷର ଦୂତ (ଆମ୍ବାସଡ଼ର) ତୁମ ନିକଟକୁ ଆସିବେ,ତାଙ୍କର ମାନ ସମ୍ମାନ କରିବ । ଦୂତଙ୍କୁ ସମ୍ମାନ ଦିଆଯିବା ଉଚିତ । ଶତୃପକ୍ଷର ଦୂତଙ୍କୁ ତୁମ ନିକଟରେ କମ ସମୟ ରଖିବ ଏବଂ ଏମିତି ହେବା ଉଚିତ ଯେ ସେ ତୁମ ସୈନ୍ୟବାହିନୀ ମଧ୍ୟରୁ ଯଥା ଶୀଘ୍ର ବାହାରି ଯିବା ଉଚିତ । ଯଦ୍ଧାରା ସେ ତୁମ ସୈନ୍ୟବାହିନୀ ବିଷୟରେ କିଛି ଜାଣି ପାରିବେ ନାହିଁ । ଏହା ମଧ୍ୟ ବୁଦ୍ଧିମାନ କଥା ଯେ ଯଦି ଅନ୍ୟ ରାଷ୍ଟ୍ରର ଦୂତ ଆସନ୍ତି ସେଠାରେ ତାଙ୍କୁ କମରୁ କମ ସମୟ ରଖି ଶୀଘ୍ର ଶୀଘ୍ର ବିଦା କରିଦେବା ଉଚିତ ଏବଂ ନିଜ କାର୍ଯ୍ୟ ବିଷୟରେ ତାଙ୍କୁ ଜଣାଇବାକୁ ଦିଅନ୍ତୁ ନାହିଁ । ଏତତଦ୍ୱାରା ସେ ତୁମର ଗତିବିଧି ଏବଂ ତୁମର ଯୋଜନା ବିଷୟରେ ଜାଣିଯିବେ । ତାଙ୍କୁ ତୁମ ସେନାର ଗହଳିଆ ସ୍ଥାନରେ ରଖିବ । ନିଜ ଲୋକମାନଙ୍କୁ ତାଙ୍କ ସହିତ କଥା ହେବାକୁ ଦେବନାହିଁ । ଯେବେ ତୁମେ ନିଜେ ତାଙ୍କ ସହିତ କଥା ହେବ,ସେତେବେଳେ ନିଜର ରହସ୍ୟ ତାଙ୍କ ନିକଟରେ ପ୍ରକାଶ କରିବ ନାହିଁ । ନଚେତ ତୁମର ମାମଲା ଦ୍ୱନ୍ଦରେ ପଡ଼ି ଗୋଳମାଳିଆ ହୋଇଯିବ । ଯେବେ ତୁମେ କାହାର ପରାମର୍ଶ ଲୋଡ଼ିବ,ସତ କଥା କହିବ । ଏହାଦ୍ୱାରା ସଠିକ ପରାମର୍ଶ ମିଳିବ । ପରାମର୍ଶଦାତାଙ୍କଠାରୁ ନିଜର ସୂଚନା ଲୁଚାଇବ ନାହିଁ । ନଚେତ ତୁମ ଯୋଗୁଁ ତୁମେ ନିଜେ ହିଁ କ୍ଷତି ଉଠାଇବ ।

ଏହା ମଧ୍ୟ ଗୋଟିଏ ନିୟମ ଯେ ଯାହାଠାରୁ ପରାମର୍ଶ ନେବ,ତାକୁ ସମସ୍ତ ସୂକ୍ଷ୍ମରୁ ସୂକ୍ଷ୍ମ କଥା ବି ବତାଇବାକୁ ପଡ଼ିଥାଏ । ଏତତଦ୍ୱାରା ସଠିକ ପରାମର୍ଶ ମିଳିବା ସଙ୍ଗେ କମରୁ କମ କ୍ଷତି ହୋଇଥାଏ ।

ରାତି ସମୟରେ ନିଜ ବନ୍ଧୁ ଅର୍ଥାତ ସାଙ୍ଗ ସାଥିମାନଙ୍କ ସହିତ କଥା ହେବ । ଏତତଦ୍ୱାରା ତୁମେ ଅନେକ ଖବର ପାଇପାରିବ । ସେହିପରି ରାତିରେ ସୂଚନା ସଂଗ୍ରହ କରିବ,ଫଳତଃ ଗୋପନୀୟ କଥା ତୁମ ନିକଟରେ ପ୍ରକାଶ ହୋଇଯିବ । ସୁରକ୍ଷା ବହିନୀରେ ଅଧିକା ଲୋକଙ୍କୁ ନିୟୋଜିତ କରିବ ଏବଂ ସେମାନଙ୍କୁ ନିଜ ସେନା ମଧ୍ୟରେ ଖେଳେଇ ଦେବ । ଅଧିକାଂଶ ସମୟ ସେମାନଙ୍କୁ କିଛି ନବତାଇ ସେମାନଙ୍କ ପୋଷ୍ଟଗୁଡ଼ିକୁ ଯାଂଚ କରିବ । ଯଦି କାହାକୁ ନିଜ ସୁରକ୍ଷା ପୋଷ୍ଟରୁ ଅବହେଳିତ ଦେଖିବ,ତାକୁ ଭଲ ଭାବରେ ଅନୁଶାସନ କରିବ । ଏହିପରି ପରିସ୍ଥିତିରେ ଯଦି ତାକୁ ଦଣ୍ଡ ଦିଅ ତେବେ ଦଣ୍ଡଦେବାରେ ସୀମା ଉଲଂଘନ କରିବ ନାହିଁ । ରାତିରେ ସେମାନଙ୍କର ସିଫ୍ଟ ଧାର୍ଯ୍ୟ କରିବ । ରାତିର ପ୍ରଥମ ପ୍ରହରକୁ ଶେଷ ପ୍ରହରଠାରୁ ଅଧିକ ସମୟ ରଖିବ କାରଣ ପ୍ରଥମ ପ୍ରହରଟି ଦିନ ସମୟର ନିକଟତର ହେବା ଯୋଗୁଁ ସେହି କାର୍ଯ୍ୟ ସହଜ ହୋଇଥାଏ । ରାତିର ପ୍ରଥମ ପ୍ରହରର ଡ୍ୟୁଟିକୁ ଲମ୍ବା କରିବ କାରଣ ଏହି ସମୟର ଜାଗ୍ରତ ହେବା ସହଜ ହୋଇଥାଏ । ସେହିପରି ରାତିର ଶେଷ ପ୍ରହରରେ ଯେଉଁ ଡ୍ୟୁଟି ରହିଛି ତାହା ଟିକିଏ କମ ରହିବା ଉଚିତ । ଦଣ୍ଡ ପାଇବା ଯୋଗ୍ୟ ଲୋକଙ୍କୁ ଦଣ୍ଡ ଦେବାକୁ ଭୟ କରିବ ନାହିଁ । ଦଣ୍ଡଦେବାରେ କୋହଳ କରିବ ନାହିଁ । ଦଣ୍ଡ ଦେବା ପାଇଁ ଶୀଘ୍ର ତତ୍ପର ହେବନାହିଁ କି ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିବ ନାହିଁ । ପୁଣି ହଜରତ ଅବୁ ବକର ର ଅ କହିଲେ : ନିଜ ସେନାବାହିନୀର ନିରିକ୍ଷଣ କରିବାରେ ଅବହେଳା କରିବ ନାହିଁ । ଏମିତି କଲେ ସେମାନେ ଭ୍ରଷ୍ଟ ହୋଇଯିବେ । ସେହିପରି ସେମାନଙ୍କ ବିରୁଦ୍ଧରେ ଗୁପ୍ତଚର କରି ସେମାନଙ୍କୁ ଅପମାନିତ କରିବ ନାହିଁ । ସେମାନଙ୍କ ଗୁପ୍ତ ବିଷୟରେ ଲୋକମାନଙ୍କୁ ଅବଗତ କରିବ ନାହିଁ । ସେମାନଙ୍କର ବାହ୍ୟକୁ ଦେଖି ସେଥିରେ ସନ୍ତୁଷ୍ଟ ରହିବ । ବେକାର ଲୋକମାନଙ୍କ ନିକଟରେ ବସିବ ନାହିଁ । ସଚ୍ଚା ଏବଂ ବିଶ୍ୱସ୍ତ ଲୋକମାନଙ୍କ ସହିତ ବସିବ । ଶତ୍ରୁ ସହିତ ମୁକାବିଲା କରିବା ସମୟରେ ସେମାନଙ୍କୁ ପ୍ରତିରୋଧ କରିବ । ଭୟଭୀତ ହେବ ନାହିଁ ଅନ୍ୟଥା ଲୋକମାନେ ମଧ୍ୟ ଭୟଭୀତ ହୋଇଯିବେ । ମାଲେ ଗନିମତ (ଅର୍ଥାତ ଶତୃଙ୍କ ଉପରେ ବିଜୟ ପ୍ରାପ୍ତ କରିବା ପରେ ଯେଉଁ ଧନସମ୍ପତି ପ୍ରାପ୍ତ ହୋଇଥାଏ) ସେଥିରେ ଧୋକା ଦେବ ନାହିଁ । ଏମିତି କଲେ,ତାହା ଅଭାବ ଆଡ଼କୁ ଟାଣି ନେଇଥାଏ ଏବଂ ବିଜୟ ତଥା ଐଶି ସାହାଯ୍ୟକୁ ରୋକିଦେଇଥାଏ । ତୁମେ ଏମିତି ଲୋକଙ୍କୁ ପାଇବ ଯେଉଁମାନେ ନିଜକୁ ଚର୍ଚ୍ଚରେ ଉତ୍ସର୍ଗ କରିରଖିଥିବେ । ତେଣୁ ତୁମେ ସେମାନଙ୍କୁ ନିଜ କାର୍ଯ୍ୟରେ ବ୍ୟସ୍ତ ରହିବା ପାଇଁ ଛାଡ଼ିଦେବ । **(ଉଦ୍ଧୃତାଂଶ ଅଲକାମିଲ ଫିତ ତାରିଖ ଖ-୦୨ ପୃ-୨୫୩-୨୫୪ ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୬)**

ତେଣୁ ଏହା ହେଉଛି ଏକ ସମ୍ପୂର୍ଣ୍ଣ କାର୍ଯ୍ୟ ଯୋଜନା ଯାହା ପ୍ରତ୍ୟେକ ଲିଡ଼ର୍ ପାଇଁ ପ୍ରତ୍ୟେକ ଓ୍ୱହଦାଦାରମାନଙ୍କ ପାଇଁ, ପ୍ରତ୍ୟେକ କର୍ମୀଙ୍କ ପାଇଁ ଏବଂ ପ୍ରତ୍ୟେକ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଅତ୍ୟନ୍ତ ଜରୁରୀ । ତା ପରେ ହଜରତ ଅବୁ ବକର ର ଅ ହଜରତ ୟଜିଦଙ୍କ ହାତକୁ ଧରି ତାଙ୍କୁ ବିଦାୟ ଦେଇ କହିଲେ : ତୁମେ ହେଉଛ ପ୍ରଥମ ବ୍ୟକ୍ତି ଯାହାକୁ ମୁଁ ମୁସଲମାନମାନଙ୍କ ମାନ୍ୟଗନ୍ୟ ଲୋକମାନଙ୍କ ଉପରେ ଅମୀର ଭାବରେ ନିଯୁକ୍ତ କରିଅଛି । ଯେଉଁମାନେ ନା ତ ମିମ୍ନ ମାନର ନା ଦୁର୍ବଳ ଶ୍ରେଣୀର ଲୋକେ, ନା ଅର୍ଥହୀନ ନା ଧାର୍ମିକ ହିଂସାଭାବ ରଖିଥିବା ଲୋକେ । ତେଣୁ ତୁମେ ସେମାନଙ୍କ ସହିତ ଉତମ ବ୍ୟବହାର କରିବ ଏବଂ ସେମାନଙ୍କ ସହିତ ଭଦ୍ର ବ୍ୟବହାର କରିବ । ସେମାନଙ୍କ ପାଇଁ ତୁମେ ନିଜର କରୁଣା ରଖିଥିବ । ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେମାନଙ୍କ ନିକଟରୁ ପରାମର୍ଶ ନେବ । ସେମାନଙ୍କ ପ୍ରତି ଦୟା ଆଚରଣ କରିବ । ଅଲ୍ଲାଃ ତୁମପାଇଁ ତୁମ ସାଥିମାନଙ୍କୁ ତୁମର ହିତକାରୀ ବନ୍ଧୁ କରନ୍ତୁ । ପୁଣି କହିଲେ : ଆମ୍ଭ ଖିଲାଫତର ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଆମକୁ ସାହାଯ୍ୟକାରୀ ହୁଅ । ପୁଣି ହଜରତ ୟଜିଦ ର ଅ ନିଜ ସୈନ୍ୟବାହିନୀକୁ ଧରି ସିରିଆ ଦେଶ ଅଭିମୁଖେ ବାହାରି ପଡ଼ିଲେ ।

ହଜରତ ଅବୁ ବକର ର ଅ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଫଜର ନମାଜ ଏବଂ ଅସର ନମାଜ ପରେ ଏହି ଦୁଆ କରୁଥିଲେ ଯେ ହେ ଅଲ୍ଲାଃ ! ତୁମ୍ଭେ ଆମର ସୃଷ୍ଟିକର୍ତା । ଆମେ କିଛି ବି ନଥିଲୁ । ତାପରେ ତୁମ୍ଭେ ନିଜର କରୁଣା ଏବଂ କୃପା କରି ଆମ ନିକଟକୁ ଜଣେ ରସୁଲ ସ ଆ ସଙ୍କୁ ପ୍ରେରଣ କଲ । ତାପରେ ତୁମ୍ଭେ ଆମକୁ ସତପଥ ପ୍ରଦର୍ଶନ କଲ । ଯେବେକି ଆ ପୂର୍ବରୁ ଆମେମାନେ ବିପଥଗାମୀ ଥିଲୁଁ । ସେହିପରି ଯେତେବେଳେ ଆମେମାନେ କାଫିର (ଅର୍ଥାତ ଅବିଶ୍ୱାସକାରୀ) ଥିଲୁଁ ତୁମ୍ଭେ ଆମ ହୃଦୟରେ ଇମାନ (ବିଶ୍ୱାସ) ର ପ୍ରେମ ଭରିଦେଲ । ଆମେମାନେ ସଂଖ୍ୟାରେ କମ ଥିଲୁ କିନ୍ତୁ ତୁମ୍ଭେ ଆମକୁ ଅଧିକା କରିଦେଲ । ଆମେମାନେ ଛିନ୍ନଛତ୍ର ହୋଇ ରହିଥିଲୁ କିନ୍ତୁ ତୁମ୍ଭେ ଆମକୁ ଏକାଠି କରିଦେଲ । ଆମେ ଦୁର୍ବଳ ଥିଲୁ, ତୁମ୍ଭେ ଆମକୁ ଶକ୍ତି ପ୍ରଦାନ କଲ । ପୁଣି ତୁମ୍ଭେ ଆମ ଉପରେ ଜିହାଦକୁ ବାଧ୍ୟତା ମୂଳକ କରିଦେଲ ଏବଂ ଆମକୁ ମୁସରିକମାନଙ୍କ ସହିତ ସେପର୍ଯ୍ୟନ୍ତ ଯୁଦ୍ଧ କରିବା ପାଇଁ ଅନୁମତି ପ୍ରଦାନ କଲ ଯେପର୍ଯ୍ୟନ୍ତ ସେମାନେ ଲା ଇଲାହା ଇଲ୍ଲଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ବ୍ୟତୀତ ପୂଜାର ଅଧିକାରି କେହି ନୁହନ୍ତି) କୁ ସ୍ୱୀକାର ନକରିଛନ୍ତି ଏବଂ ନିଜ ହାତରେ ଜିଜିଆ କର ନଦେଇଛନ୍ତି ଏବଂ ସେମାନେ ଅସହାୟ ନ ହୋଇଛନ୍ତି । ମୁସଲମାନ ହୋଇଯାଆନ୍ତୁ କିମ୍ବା ଯଦି ମୁସଲମାନ ନ ହେଉଛନ୍ତି,ତାହେଲେ ଜିଜିଆ ଦିଅନ୍ତୁ । ହେ ଅଲ୍ଲାଃ ! ଆମେ ତୁମ୍ଭର ସେହି ଶତୃମାନଙ୍କ ସହିତ ଜିହାଦ କରିବା ପ୍ରତିବଦଳରେ ତୁମ୍ଭର ପ୍ରସନ୍ନତା ଚାହୁଁଅଛୁ ଯେଉଁମାନେ ତୁମ ସହିତ ସହଭାଗୀ ହୋଇଛନ୍ତି ଏବଂ ତୁମ୍ଭ ବ୍ୟତୀତ ଅନ୍ୟର ଉପାସନା କରୁଛନ୍ତି । ହେ ଅଲ୍ଲାଃ ! ତୁମ୍ଭ ବ୍ୟତୀତ ଆଉ କେହି ଉପାସନାର ଅଧିକାରୀ ନାହାନ୍ତି । ଅତ୍ୟାଚାରୀମାନେ ଯାହା କହୁଛନ୍ତି, ତୁମ୍ଭର ଗୌରବ ଏବଂ ମହିମା ତାହାଠାରୁ ବହୁତ ଅଧିକ । ହେ ଅଲ୍ଲାଃ ! ନିଜର ମୁସରିକ ଶତୃମାନଙ୍କ ବୁରୁଦ୍ଧରେ ତୁମ୍ଭ ମୁସଲମାନ ଭକ୍ତ ମାନଙ୍କୁ ସାହାଯ୍ୟ କର । ହେ ଅଲ୍ଲାଃ ! ସେମାନଙ୍କୁ ସହଜରେ ବିଜୟ ପ୍ରଦାନ କରନ୍ତୁ ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ରୂପେ ସାହାଯ୍ୟ କରନ୍ତୁ । ସେମାନଙ୍କ ମଧ୍ୟରେ ଯେଉଁମାନେ କମ୍ ସାହାସୀ,ସେମାନଙ୍କୁ (ନିର୍ଭୀକ) ବାହାଦୁର କରିଦିଅନ୍ତୁ ଏବଂ ସେମାନଙ୍କ ପାଦକୁ ସୁଦୃଢ କରିଦିଅନ୍ତୁ । ସେମାନଙ୍କ ଶତୃମାନଙ୍କୁ ଦୋହଲାଇ ଦିଅ ଏବଂ ସେହି ଶତୃମାନଙ୍କ ହୃଦୟରେ ଆତଙ୍କ ସୃଷ୍ଟି କରି ସେମାନଙ୍କୁ ବିନାଶ କରିଦିଅ । ସେମାନଙ୍କର ମୂଳୋତ୍ପାଟନ କରିଦିଅ । ସେମାନଙ୍କ କ୍ଷେତକୁ ନଷ୍ଟ କରିଦିଅ ଏବଂ ଆମ୍ଭମାନଙ୍କୁ ସେମାନଙ୍କ ଜମି,ଘର,ଧନସମ୍ପତି ଏବଂ ସେମାନଙ୍କ ଐତିହ୍ୟର ଉତରାଧିକାରୀ ବନାନ୍ତୁ । ତୁମ୍ଭେ ହେଉଛ ଆମର ଓ୍ୱଲି (ଅର୍ଥାତ ଅଭିଭାବକ) । ତୁମ୍ଭେ ଆମ ଉପରେ ଦୟା କର ଏବଂ ଆମମାନଙ୍କର କାର୍ଯ୍ୟକୁ ସଜାଡ଼ି ଦିଅ । ତୁମ୍ଭ ଆଶୀର୍ବାଦରୁ ଭାଗ ପାଇବା ପାଇଁ ଆମକୁ କୃତଜ୍ଞ ଲୋକମାନଙ୍କ ମଧ୍ୟରେ ସାମିଲ କରିଦିଅ । ତୁମ୍ଭେ ଆମକୁ,ମୋମିନ ପୁରୁଷମାନଙ୍କୁ,ମୋମିନ ମହିଳାମାନଙ୍କୁ, ମୁସଲମାନ ପୁରୁଷ ଏବଂ ମୁସଲମାନ ମହିଳାମାନଙ୍କୁ ମଧ୍ୟ କ୍ଷମା କରିଦିଅ । ଏମାନଙ୍କ ମଧ୍ୟରେ ଯେଉଁମାନେ ଜୀବିତ ଅଛନ୍ତି,ସେମାନଙ୍କୁ ମଧ୍ୟ ଏବଂ ଯେଉଁମାନେ ମରିଯାଇଛନ୍ତି,ସେମାନଙ୍କୁ ମଧ୍ୟ କ୍ଷମା କରିଦିଅନ୍ତୁ । ଅଲ୍ଲାଃ ଆମକୁ ଏବଂ ତୁମକୁ ଏହି ଜଗତରେ ଏବଂ ପରକାଳରେ ସତ୍ୟ ଉପରେ ପ୍ରତିଷ୍ଠିତ କରି ଦୃଢ ଭାବରେ ଛିଡ଼ା କରାନ୍ତୁ । ବାସ୍ତବ ପକ୍ଷେ ସେ ମୋମିନ (ଅର୍ଥାତ ବିଶ୍ୱାସକାରୀ) ମାନଙ୍କ ପ୍ରତି ଅତ୍ୟନ୍ତ ଦୟାଳୁ ଅଟନ୍ତି ଓ ସେମାନଙ୍କ ଉପରେ କୃପା କରିଥାନ୍ତି । **(ଅଲଇକତଫାଅ ବିମା ତଜମନାଃ ମିନ ମଗାଜି ରସୁଲୁଲ୍ଲାଃ ସ ଆ ସ ...ଖ-୦୨,ଭାଗ -୦୧,ପୃ-୧୧୮-୧୧୯, ଆଲମୁଲ କୁତୁବ ବେରୁତ ୧୯୯୭)**

ଦ୍ୱିତୀୟ ସୈନ୍ୟବାହିନୀ ଶୁରୈହବିଲ ବିନ ହସନାଃ ର ଅଙ୍କର ଥିଲା । ହଜରତ ଶୁରୈହବିଲ ବିନ ହସନାଃ ର ଅଙ୍କର ବାପାଙ୍କ ନାମ ଅବ୍ଦୁଲ୍ଲାଃ ବିନ ମୁତାଅ ଏବଂ ମାଆଙ୍କ ନାମ ହସନାଃ ଥିଲା । ତାଙ୍କର କୁନିୟତ (ଅର୍ଥାତ ଉପନାମ) ଅବୁ ଅବ୍ଦୁଲ୍ଲାଃ ଥିଲା । ହଜରତ ଶୁରୈହବିଲ ବିନ ହସନାଃ ର ଅଙ୍କ ବାପା ସେତେବେଳେ ମରିଯାଇଥିଲେ ଯେତେବେଳେ ଶୁରୈହବିଲ ବିନ ହସନାଃ ର ଅ ଛୋଟ ପିଲା ଥିଲେ । ତେଣୁ ତାଙ୍କ

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶଵ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2023-2025 Vol.8 Thursday 05-12 Jan 2023 Issue No. 01-02

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

ମାଆ ହସନାଃଙ୍କ ନାମ ଅନୁସାରେ ତାଙ୍କର ନାମ ଶୁରୈହବିଲ ବିନ ହସନାଃ ପ୍ରଶିଦ୍ଧ ହୋଇଗଲା । ହଜରତ ଶୁରୈହବିଲ ବିନ ହସନାଃ ର ଅ ପ୍ରାରମ୍ଭିକ ମୁସଲମାନମାନଙ୍କ ମଧ୍ୟରେ ଥିଲେ । ଖିଲାଫତେ ରାଶଦାଃ ସମୟରେ ସେ ଜଣେ ପ୍ରସିଦ୍ଧ ସେନାପତି ଭାବରେ ଜଣାଶୁଣା ଥିଲେ । ୧୮ ହିଜରୀରେ ୬୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । (ଉସଦୁଲ ଗାବାଃ ଫି ମାରିଫତିଲ ସାହାବାଃ ଖ-୦୨ ପୃ-୬୧୯-୬୨୦ ଦାରୁଲ କୁତୁବଲ ଅଲମିୟା ବେରୁତ)

ହଜରତ ଶୁରୈହବିଲ ବିନ ହସନାଃ ର ଅଙ୍କୁ ଅଭିଯାନରେ ପ୍ରେରଣ କରିବା ପାଇଁ ହଜରତ ଅବୁ ବକର ର ଅ ହଜରତ ୟଜିଦ ବିନ୍ ଅବୁ ସୁଫିୟାନ ର ଅଙ୍କ ଅଭିଯାନରେ ବାହାରି ପଡ଼ିବାର ତିନି ଦିନ ପର ତାରିଖକୁ ଧାର୍ଯ୍ୟ କଲେ । ଯେବେ ତୃତୀୟ ଦିନ ବିତି ଗଲା ହଜରତ ଅବୁ ବକର ର ଅ ହଜରତ ଶୁରୈହବିଲ ବିନ ହସନାଃ ର ଅଙ୍କୁ ବିଦାୟ ଦେଇ କହିଲେ : ହେ ଶୁରୈହବିଲ୍ ! ମୁଁ ଯାହା ୟଜିଦ ବିନ ଅବୁସୁଫିୟାନଙ୍କୁ ଉପଦେଶ ପୂର୍ବକ କହିଥିଲି, କ'ଣ ତୁମେ ତୁମେ ତାହା ଶୁଣିନାହଁ ? ସେ ଉତରରେ କହିଲେ ହଁ ଆଜ୍ଞା କାହିଁକି ନୁହେଁ ମୁଁ ଶୁଣିଛି । ଏଥିରେ ହଜରତ ଅବୁ ବକର ର ଅ କହିଲେ: ମୁଁ ତୁମକୁ ମଧ୍ୟ ସେହିପରି ଆଉ କେତେକ ଉପଦେଶ ଦେଉଅଛି ଯାହା ମୁଁ ଅବୁସୁଫିୟାନଙ୍କୁ ଦେବାପାଇଁ ଭୂଲିଯାଇଥିଲି।

ମୁଁ ତୁମକୁ ଯଥା ସମୟରେ ନମାଜ ପାଠ କରିବା ପାଇଁ ଉପଦେଶ ଦେଉଛି । ସେହିପରି ଯୁଦ୍ଧ ଚାଲିଥିବା ସମୟରେ ଦୃଢତା ପ୍ରଦର୍ଶନ କରିବାକୁ ଉପଦେଶ ଦେଉଅଛି । ସେହି ଯୁଦ୍ଧରେ ତୁମେ ସେ ପର୍ଯ୍ୟନ୍ତ ଦୃଢତା ପ୍ରଦର୍ଶନ କରିଚାଲ,ଏପରିକି ଯେପର୍ଯ୍ୟନ୍ତ ତୁମେ ତାହା ଜିଣି ନନେଇଛ କି ସେଥିରେ ଶହୀଦ ନ ହୋଇଯାଇଛ । ରୋଗୀମାନଙ୍କର ଦେଖାଶୁଣା କରିବାକୁ,ଜନାଯାଃରେ ସାମିଲ ହେବାକୁ ଏବଂ ପ୍ରତ୍ୟେକ ପରିସ୍ଥିତିରେ ବହୁଳ ମାତ୍ରାରେ ଅଲ୍ଲାଃଙ୍କୁ ସ୍ମରଣ କରିବା ପାଇଁ ମୁଁ ତୁମକୁ ଉପଦେଶ ଦେଉଅଛି । ଅବୁ ସୁଫିୟାନ ମହାଭାଗ ର ଅଙ୍କ ନିକଟରେ ଜାଣିବାକୁ ନିବେଦନ କଲେ ଯେ ୟଜିଦ ସେହି ଗୁଣଗୁଡ଼ିକ ଉପରେ ପୂର୍ବରୁ ହିଁ ଅଧିଷ୍ଠିତ ଏବଂ ସିରିଆ ଯିବା ପୂର୍ବରୁ ହିଁ ସେହି ଗୁଣଗୁଡ଼ିକ ଉପରେ ପରିଚାଳିତ ହେଉଥିଲେ । ଏବେ ସେ ତାହା ଉପରେ ଅଧିକା ପରିଚାଳିତ ହେବେ ଇନଶାଅଲ୍ଲାଃ । ଶୁରୈହବିଲ ବିନ ହସନାଃ ର ଅ ଉତରରେ କହିଲେ ଯେ :ଅଲ୍ଲାଃଙ୍କଠାରୁ ସାହାଯ୍ୟ ମାଗିବା । ଯାହା ଅଲ୍ଲାଃ ଚାହିଁବେ ତାହା କରିବେ । ପୁଣି ହଜରତ ଅବୁ ବକର ର ଅଙ୍କଠାରୁ ବିଦାୟ ନେଇ ନିଜ ସେନାଙ୍କ ସହିତ ସିରିଆ ଆଡ଼କୁ ଅଭିଯାନରେ ବାହାରିପଡ଼ିଲେ । ହଜରତ ଶୁରୈହବିଲ ବିନ ହସନାଃ ର ଅଙ୍କ ସୈନ୍ୟବାହିନୀର ସଂଖ୍ୟା ତନିରୁ ଚାରି ହଜାର ଥିଲା । ହଜରତ ଅବୁ ବକର ର ଅ ହଜରତ ଶୁରୈହବିଲ ବିନ ହସନାଃ ର ଅଙ୍କୁ ଉପଦେଶ ଦେଲେ ଯେ ତବୁକ ଏବଂ ବଲକାଆ ଯାଆନ୍ତୁ । ତାପରେ ପୁଣି ବୁସରା ଯିବା ପାଇଁ ଆଦେଶ ଦେଲେ । କହିଲେ ଏହି ବୁସରା ତୁମର ଶେଷ ଗନ୍ତବ୍ୟସ୍ଥଳ ହେବ । ବୁସରା ହେଉଛି ସିରିଆ ଦେଶର ଏକ ପ୍ରାଚୀନ ଏବଂ ପ୍ରସିଦ୍ଧ ସହର । ହଜରତ ଶୁରୈହବିଲ ବିନ ହସନାଃ ର ଅ ବଲକାଆ ଆଡ଼କୁ ଚାଲିଗଲେ । ସେଠାରେ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ହେଲା ନାହିଁ । ବଲକାଆ ମଧ୍ୟ ସିରିଆ ଦେଶରେ ଅବସ୍ଥିତ । ତାଙ୍କର ସୈନ୍ୟବାହିନୀ ହଜରତ ଅବୁ ଉବୈଦାଃ ବିନ ଜରାହ ର ଅଙ୍କ ବାମପଟେ ଏବଂ ଅମରୋ ବିନ ଆସ ର ଅଙ୍କ ଡ଼ାହାଣ ପଟେ ଗସ୍ତ କରି ବଲକାଅଠାରେ ପହଂଚିଲା । ଅର୍ଥାତ ବଲକାଅ ଭିତରେ ପ୍ରବେଶ କରିଗଲା । ବୁସରାରେ ପହଂଚି ତାକୁ ମଧ୍ୟ ଘେରିଗଲା । କିନ୍ତୁ କୌଣସି ବିଜୟ ପ୍ରାପ୍ତ ହେଲା ନାହିଁ । କାରଣ ତାହା ରୋମୀୟମାନଙ୍କ ସୁରକ୍ଷିତ ତଥା ମଜବୁତ ଗଡ଼ ଥିଲା । ***(ସୟଦନା ଅବୁ ବକର ସିଦ୍ଧିକ ର ଅ ଶଖସିୟତ ଔର କାରନାମେ ଅଜ ଅଲୀ ମୁହମ୍ମଦ ସଲାବୀ,ମୁତରଜିମ ପୃ-୪୪୬-୪୪୭,ଅଲଫୁରକାନ ଟ୍ରଷ୍ଟ ଖାନ ଗଢ ପାକିସ୍ତାନ)((ଅଲଇକତଫାଅ ବିମା ତଜମନାଃ ମିନ ମଗାଜି ରସୁଲୁଲ୍ଲାଃ ସ ଆ ସ ...ଖ-୦୨,ଭାଗ -୦୧,ପୃ-୧୨୦, ଆଲମୁଲ କୁତୁବ ବେରୁତ ୧୯୯୭))(ଫରହଙ୍ଗ ସିରତ,ପୃ-୫୮,୬୧, ଜୱାର ଏକାଡ଼େମୀ କରାଚି)***

ତୃତୀୟ ସୈନ୍ୟବାହିନୀ ଅବୁ ଉବୈଦାଃ ବିନ ଜରାହ ର ଅଙ୍କର ଥିଲା । ହଜରତ ଅବୁ ଉବୈଦାଃ ବିନ ଜରାହ ର ଅଙ୍କ ନାମ ଆମିର ବିନ ଅବ୍ଦୁଲ୍ଲାଃ ଥିଲା । ତାଙ୍କ ବାପାଙ୍କ ନାମ ଅବ୍ଦୁଲ୍ଲାଃ ବିନ ଜରାହ ଥିଲା । ହଜରତ ଅବୁ ଉବୈଦାଃ ବିନ ଜରାହ ର ଅ ନିଜର କୁନିୟତ (ଉପନାମ) ଯୋଗୁଁ ଅଧିକା ପ୍ରସିଦ୍ଧ ଥିଲେ । ଯେବେକି ତାଙ୍କ ବଂଶକୁ ତାଙ୍କ ଜେଜେବାପା ଜରାହଙ୍କ ସହିତ ଯୋଡ଼ା ଯାଇଥାଏ । ସେ ସେହି ଦଶଜଣ ସାହାବା ମାନଙ୍କ ମଧ୍ୟରେ ଥିଲେ,ଯେଉଁମାନଙ୍କ ପାଇଁ ରସୁଲେ କରିମ ସ ଆ ସ ନିଜ ଜୀବଦଶାରେ ହିଁ ବୈକୁଣ୍ଠ ପ୍ରାପ୍ତି କରିବା ପାଇଁ ସୁସମାଚାର ପ୍ରଦାନ କରିଥିଲେ । ସେହି ସାହାବାମାନଙ୍କୁ ଅଶରା ମୁବଶରାଃ କୁହାଯାଏ । ହଜରତ ଅବୁ ଉବୈଦାଃ ବିନ ଜରାହ ର ଅଙ୍କ ଦେହାନ୍ତ ୧୮ ହିଜରୀରେ ହୋଇଥିଲା । ସେତେବେଳେକୁ ତାଙ୍କର ବୟସ ୫୦ ବର୍ଷ ହୋଇଥିଲା । ***(ଅଲଆସାବାଃ ଫି ତମିଜିସ ସାହାବାଃ, ଖ-୦୩,ପୃ-୪୭୫,ଆମିର ବିନ ଅବ୍ଦୁଲ୍ଲାଃ ,ଦାରୁଲ କୁତୁବୁଲ ଅଲମିୟାଃ ବେରୁତ ଲେବନାନ ୨୦୦୫)(ଉସଦୁଲ ଗାବାଃ ଫି ମାରିଫତିଲ ସାହାବାଃ ,ଖ-୦୩ ପୃ-୧୨୬ ଆମିର ବିନ ଅବ୍ଦୁଲ୍ଲାଃ ,ଦାରୁଲ କୁତୁବୁଲ ଅଲମିୟାଃ ବେରୁତ ୨୦୦୮)(ଅଲଇସ୍ତିୟାବ ଖ-୦୨, ପୃ-୩୪୩ ,ଦାରୁଲ କୁତୁବୁଲ ଅଲମିୟାଃ ବେରୁତ ୨୦୦୨)***

ଅନ୍ୟ ଏକ ସୈନ୍ୟବାହିନୀ ଯାହାକୁ ହଜରତ ଅବୁ ବକର ର ଅ ସିରିଆ ଅଭିମୂଖେ ପ୍ରେରଣ କରିଥିଲେ,ଯେମିତି ମୁଁ ଏହା କହିସାରିଛି ଯେ ସେହି ସୈନ୍ୟବାହିନୀର ଅମୀର ଥିଲେ ହଜରତ ଅବୁ ଉବୈଦାଃ ର ଅ । ତାଙ୍କୁ ହିମସ ଆଡ଼କୁ ପ୍ରେରଣ କରାଯାଇଥିଲା । ହିମସ ମଧ୍ୟ ଦମସ୍କ ନିକଟବର୍ତୀ ସିରିଆ ଦେଶର ଗୋଟିଏ ପ୍ରାଚୀନ ସହରର ନାମ,ଏବଂ ତାହା ଗୋଟିଏ ବଡ଼ ସହର ଥିଲା । ହଜରତ୍ ଅବୁ ଉବୈଦାଃଙ୍କ ସୈନ୍ୟବାହିନୀର ସଂଖ୍ୟା ସାତ ହଜାର ବିଶିଷ୍ଟ ଥିଲା । ଯେବେକି ଆଉ ଏକ ରିୱାୟତ ମୁତାବକ ତାଙ୍କ ସୈନ୍ୟବାହିନୀରେ ଥିବା ସୈନ୍ୟମାନଙ୍କର ସଂଖ୍ୟା ଥିଲା ତିନିରୁ ଚାରି ହଜାର । ହଜରତ୍ ଅବୁ ଉବୈଦାଃ ର ଅ ରାସ୍ତା ଅତିକ୍ରମ କଲାବେଳେ ବଲକାଅର ଗୋଟିଏ ବସ୍ତି ମାଆବ ନିକଟ ଦେଇ ଯାଇଥିଲେ । ସେହି ସ୍ଥାନଟି କୌଣସି ସହର ନଥିଲା ବରଂ ତମ୍ପୁର ଗୋଟିଏ ବସ୍ତି ଥିଲା । ସେଠିକାର ଲୋକମାନଙ୍କ ସହିତ ତାଙ୍କର ଯୁଦ୍ଧ ହେଲା କିନ୍ତୁ ତାପରେ ସେମାନେ ହଜରତ୍ ଅବୁ ଉବୈଦାଃ ର ଅଙ୍କ ସହିତ ସୁଲାହା (ଶାନ୍ତି ଚୁକ୍ତି) କରିନେଲେ । ସିରିଆ ଦେଶରେ ହୋଇଥିବା ସୁଲାହ ମଧ୍ୟରେ ଏହା ପ୍ରଥମ ସୁଲାହା (ଶାନ୍ତି ଚୁକ୍ତି) ଥିଲା । ***(ତାରିଖେ ତବରୀ, ଖ-୦୨,ପୃ-୩୩୩,୩୪୧ ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୧୨)(ସୟଦନା ଅବୁ ବକର ସିଦ୍ଧିକ ର ଅ ଶଖସିୟତ ଔର କାରନାମେ ଅଜ ଅଲୀ ମୁହମ୍ମଦ ସଲାବୀ,ମୁତରଜିମ ପୃ-୪୪୭,ଅଲଫୁରକାନ ଟ୍ରଷ୍ଟ ଖାନ ଗଢ ପାକିସ୍ତାନ)***

ହଜରତ୍ ଅବୁ ବକର ରଅ ହଜରତ ଅବୁ ଉବୈଦାଃ ର ଅଙ୍କ ସହିତ କୈସ ବିନ ହୁବୈରାଃଙ୍କୁ ମଧ୍ୟ ପ୍ରେରଣ କରିଥିଲେ । ହଜରତ୍ ଅବୁ ବକର ର ଅ ତାଙ୍କ ବିଷୟରେ ଅବୁ ଉବାଦାଃ ର ଅଙ୍କୁ ଉପଦେଶ ପୂର୍ବକ କହିଲେ : ତୁମ ସହିତ ଆରବର ଅଶ୍ୱାରୋହୀମାନଙ୍କ ମଧ୍ୟରୁ ଜଣେ ମହାନ ସମ୍ମାନଜନକ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଅଛନ୍ତି।

ମୁଁ ଏହା ଭାବୁନାହିଁ ଯେ ଜିହାଦ କରିବା ପ୍ରସଙ୍ଗରେ ତାଙ୍କଠାରୁ ବଳି ଆଉ କିଏ ପୂଣ୍ୟବାନ ବ୍ୟକ୍ତି ଥିବେ । ତାଙ୍କ ରାୟ ଏବଂ ପରାମର୍ଶ ତଥା ତାଙ୍କ ଯୁଦ୍ଧ କୋଶଳ ପ୍ରତି ମୁସଲମାନମାନେ ଉଦାସୀନତା ଦେଖାଇପାରିବେ ନାହିଁ । ତାଙ୍କୁ ନିଜ ନିକଟରେ ରଖିବ ଏବଂ ତାଙ୍କ ସହିତ ଉତମ ବ୍ୟବହାର କରିବ । ତାଙ୍କୁ ଏହା କେବେ ବି ଅନୁଭବ ହେବାକୁ ଦେବନାହିଁ ଯେ ତୁମେ ତାଙ୍କର ଆବଶ୍ୟକତାକୁ ଅନୁଭବ କରୁନାହଁ । ଏମିତି କରିବା ଦ୍ୱାରା ତୁମ ପ୍ରତି ତାଙ୍କର ଭଲ ଧାରଣା ରହିବ ଏବଂ ଶତୃଙ୍କ ମୁକାବିଲା କରିବାରେ ତାଙ୍କର ପ୍ରଚେଷ୍ଟା ତୁମ ସହିତ ରହିବ । ହଜରତ ଅବୁ ଉବୈଦାଃ ର ଅ ସେଠାରୁ ଚାଲିଗଲେ । ତାପରେ ହଜରତ ଅବୁ ବକର ର ଅ ହଜରତ କୈସ ବିନ ହୁବୈରାଃଙ୍କୁ ଡ଼ାକିଲେ ଏବଂ କହିଲେ ଯେ ତୁମକୁ ଏ ଉମ୍ମତ (ଅର୍ଥାତ ଏ ସମ୍ପ୍ରଦାୟ) ର ଅମୀନ ଅବୁ ଉବୈଦାଃଙ୍କ ସହିତ ପ୍ରେରଣ କରୁଅଛି । ସେ ଏପରି ଲୋକ ଯଦି ତାଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରାଯାଏ,ତାହେଲେ ବି ସେ ତା ପ୍ରତି ବଦଳରେ ଜୁଲମ କରିନଥାନ୍ତି । ଯଦି ତାଙ୍କ ସହିତ ଅସଦାଚରଣ କରାଯାଏ,ସେ କ୍ଷମା ଦେଇଦିଅନ୍ତି । ଯଦି ତାଙ୍କଠାରୁ ସମ୍ପର୍କ ଛିନ୍ନ କରାଯାଏ,ସେ ତାହାକୁ ଯୋଡ଼ିବାକୁ ପ୍ରଚେଷ୍ଟା

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ ......*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan